PRAVABA NEWS

Like Comment Share SUBSCRIBE

# ପ୍ରଭାବ


DAILY ODIA NEWSPAPER



ISSUE -2021

୦୪।୦୭।୨୦୨୨


## ଆସନ୍ତା ୫ ଦିନ ପର୍ଯ୍ୟନ୍ତ ଦେଶର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା, ଆଲର୍ଟ କଲା IMD




ନୂଆଦିଲ୍ଲୀ: ଆସନ୍ତା ୫ ଦିନ ଧରି ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିବ । ଏନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଆଲର୍ଟ ଜାରି କରାଯାଇଛି । ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ୫ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ସେହିପରି ଉତ୍ତରାଖଣ୍ଡରେ ୪ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ ।ତେବେ ବର୍ଷାର ଆଗମନ ଫଳରେ ଏବେ ଜନସାଧାରଣ ଗରମରୁ ରକ୍ଷା ପାଇଛନ୍ତି । ଆସନ୍ତା ୬ ତାରିଖ ପାଇଁ କିଛି ସ୍ଥାନରେ ଆଇଏମଡି ପକ୍ଷରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି । ୬ ଓ ୭ ତାରିଖରେ ବର୍ଷାର ପ୍ରକୋପ ଅଧିକ ରହିବାର ସମ୍ଭାବନା ରହିଛି । ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରାଯାଇଛି । ଡେରାଡୁନ, ନୈନିତାଲ ଓ ବାଗେଶ୍ୱରରେ ଆସନ୍ତାକାଲି ବର୍ଷା ହୋଇପାରେ । ୫ରୁ ୭ ତାରିଖ ମଧ୍ୟରେ ଡେରାଡୁନ, ଟିହରୀ, ପୌଡ଼ି, ନୈନିତାଲ ଓ ଚମ୍ପାବତରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ।ତେବେ ପ୍ରବଳ ବର୍ଷା ମଧ୍ୟରେ ପୂର୍ବୋତ୍ତର ରାଜ୍ୟ ଅସମରେ ବନ୍ୟାର ପ୍ରକୋପ ଦେଖିବାକୁ ମିଳିଛି । ବନ୍ୟାରେ ମୃତକଙ୍କ ସଂଖ୍ୟା ୧୮୦ରେ ପହଞ୍ଚିଥିବା ବେଳେ ୧୮ ଲକ୍ଷରୁ ଅଧିକ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଅନ୍ୟପକ୍ଷରେ ଗତ ମାସ ୨୯ ତାରିଖରେ ମଣିପୁରରେ ହୋଇଥିବା ଭୂସ୍ଖଳନରେ ୪୨ ଜଣ ମୃତ୍ୟୁ ବରଣ କରିଥିଲେ । ସେମାନଙ୍କ ମଧ୍ୟରେ ୨୭ ଜଣ ଭାରତୀୟ ଯବାନ ରହିଥିବା ବୋଲେ ୧୫ ଜଣ ସାଧାରଣ ଲୋକ ଥିଲେ ।

## ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ କଲେ ଏଏସଆଇ ଟିମ୍

ପୁରୀ:ଶ୍ରୀମନ୍ଦିରର ଗର୍ଭଗୃହରେ ପ୍ରବେଶ କରି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ)ର ୧୩ ଜଣିଆ ଟିମ୍ ରବିବାର ଯାଞ୍ଚ କରିଛନ୍ତି । ଏହି ଟିମ୍ ଜଗମୋହନ, ନାଟମଣ୍ଡପ ଓ ଅନ୍ୟାନ୍ୟ ଦୁର୍ବଳ ସ୍ଥାନ ଯାଞ୍ଚ କରିଛନ୍ତି । ସେହିପରି କଳାହାଟ ଦ୍ୱାର ରୂପାଛାଉଣୀ ଅନୁଧ୍ୟାନ କରିଛନ୍ତି । ଏହି ଟିମ୍ ରେ ଚେନ୍ନାଇ ଆଇଆଇଟି ପ୍ରଫେସର ଅରୁଣ ମେନନ୍, ଦିଲ୍ଲୀର ସଂରକ୍ଷଣ ଅଧିକ୍ଷଣ ଯନ୍ତ୍ରୀ ଇଂ ଭୀମା ଓ ଏଏସଆଇର ଓଡ଼ିଶା ମୁଖ୍ୟ ଅରୁଣ ମଲ୍ଲିକ, କେମିକାଲ ଇଂଜିନିୟର ରଞ୍ଜନ ପୁଷ୍କର, ରାଜ୍ୟ ପୂର୍ତ୍ତ ବିଭାଗ ଅଧିକାରୀ ପ୍ରମୁଖ ଏହି ଅନୁଧ୍ୟାନରେ ସାମିଲ ହୋଇଥିଲେ। ରୋଷଘର ଚଟାଣ ମରାମତି କାର୍ଯ୍ୟ ୧୦ ଦିନ ଭିତରେ ଶେଷ ହେବ ବୋଲି ଏଏସଆଇର ଓଡ଼ିଶା ମୁଖ୍ୟ ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ । ଏଥି ସହିତ ଜଗମୋହନ ଓ ନାଟ ମଣ୍ଡପର ସ୍ଥିତି ଠିକ୍ ଥିବା ସେ କହିଛନ୍ତି । ଆହୁରି ମଧ ସେ କହିଛନ୍ତି ଯେ, କଳାହାଟ ଦ୍ୱାରର ରୂପା ଛାଉଣୀ କାର୍ଯ୍ୟ ଶୀଘ୍ର ଶେଷ ହେବ। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିରୁ ସିସିଟିଭି ଲାଗିବା ନେଇ ଏଏସଆଇ ଡିଜିଙ୍କୁ ଚିଠି ଲେଖାଯାଇଛି । ଅନୁମତି ମିଳିବା ପରେ ଖୁବ୍ ଶୀଘ୍ର ସିସିଟିଭି ଲଗାଯିବ ।

## ଆସନ୍ତାକାଲି 'ବନକଲାଗି' ନୀତି: ୫ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ



ପୁରୀ,(ନି.ପ୍ର):ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଜି ହଜାର ହଜାର ଭକ୍ତ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦର୍ଶନ କରିଛନ୍ତି । ତେବେ ଦୀର୍ଘ ଦୁଇବର୍ଷ ଧରି ରଥଯାତ୍ରା ବନ୍ଦ ରହିଥିବା ବେଳେ ଏଥର ଭକ୍ତମାନେ କାଳିଆକୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିଛନ୍ତି । ଭକ୍ତମାନେ ଶରଧାବାଲିରେ ଧାଡ଼ିରେ ଘଣ୍ଟା ଘଣ୍ଟା ଛିଡ଼ା ହୋଇ ଦର୍ଶନ କରିଛନ୍ତି । ଭକ୍ତମାନେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରି ନିଜକୁ ଧନ୍ୟ ମନେ କରିଥିଲେ ।ତେବେ ଆସନ୍ତାକାଲି ଆଷାଢ଼ ଶୁକ୍ଳ ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ 'ବନକଲାଗି' ନୀତି ଅନୁଷ୍ଠିତ ହେବ । ଏଥିପାଇଁ ସର୍ବସାଧାରଣଙ୍କ ପାଇଁ ମହାପ୍ରଭୁଙ୍କ ଦର୍ଶନ ୫ ଘଣ୍ଟା ବନ୍ଦ ରହିବ । ମଧ୍ୟାହ୍ନ ଧୂପ ପରେ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବ । ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଦର୍ଶନ ବନ୍ଦ ରହିବ ।ଆଜି ପୁରୀ ଶ୍ରୀମନ୍ଦିରରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସଆଇ) ଟିମ୍ ପହଞ୍ଚି ଯାଞ୍ଚ କରିଥିଲେ । ପୂର୍ବାହ୍ନରେ ଗର୍ଭଗୃହ, ଅନ୍ୟାନ୍ୟ ମୁଖ୍ୟ କୀର୍ତ୍ତିରାଜିର ସୁରକ୍ଷା ନେଇ ଯାଞ୍ଚ ହୋଇଥିଲା । ପ୍ରତିବର୍ଷ ରଥଯାତ୍ରା ସମୟରେ ବୈଷୟିକ ଟିମ୍ ଶ୍ରୀମନ୍ଦିର ଗର୍ଭଗୃହ ଯାଞ୍ଚ କରି ଆବଶ୍ୟକ ମରାମତି କାର୍ଯ୍ୟ କରିଥାନ୍ତି । ତେବେ ଆସନ୍ତା ୧୦ ଦିନ ମଧ୍ୟରେ ଶ୍ରୀମନ୍ଦିର ରୋଷଘର ଚଟାଣର ମରାତି କାର୍ଯ୍ୟ ସମାପନ କରାଯିବ ବୋଲି ଏଏସଆଇ ପକ୍ଷରୁ କୁହାଯାଇଛି ।

## କନ୍ଧମାଳ ରେ ପୁଣି ଦାଦନ ଶ୍ରମିକଙ୍କ ଦୁଃଖ

ବ୍ରାହ୍ମଣୀ ଗାଁ: କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀ ଗାଁ ଥାନା ଅନ୍ତର୍ଗତ ସ୍ଥାନୀୟ ମରିଆ ପଲ୍ଲୀ ସାହିର ରାଜେନ୍ଦ୍ର ଦନା ବିଶୋଇ ଶୁକ୍ରବାର ଠାରୁ ନିଖୋଜ ଥିବା ନେଇ ବ୍ରାହ୍ମଣୀଗାଁ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ସୁଚନା ଅନୁସାରେ ଶ୍ରୀ ଦନା ବିଶୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ତାଙ୍କ ଦେହ ଅସୁସ୍ଥ ହେବାରୁ ସେ ଘରକୁ ଫେରୁଥିଲେ। ସେ ତାମିଲନାଡୁ ର କୈମଧୁର ଷ୍ଟେସନ ରୁ ଟ୍ରେନ ଯୋଗେ ବିଜୟ ୱାଡା ପର୍ଯ୍ୟନ୍ତ ଆସିଥିଲେ ପରେ ସେଠାରୁ ଦିନ ୧୨ଘଣ୍ଟା ସମୟରେ ଅନ୍ୟ ଏକ ଟ୍ରେନ ଯୋଗେ ବ୍ରହ୍ମପୁର ଅଭିମୁଖେ ବାହାରିଥିଲେ ଏହି ସମୟରେ ତାଙ୍କ ସ୍ତ୍ରୀ ସେଲିନା ଦନା ବିଶୋଇ ଙ୍କ ସହ ଫୋନ ଯୋଗାଯୋଗ ହୋଇଥିଲା।ସେ ରାତ୍ରୀ୧୦ଘଣ୍ଟା ରେ ବ୍ରହ୍ମପୁର ଷ୍ଟେସନ ରେ ପହଞ୍ଚିବେ ବୋଲି କହିଥିଲେ। ତାର କିଛି ସମୟ ପରେ ବାରମ୍ବାର ସ୍ୱାମୀ ଙ୍କ ମୋବାଇଲ କୁ ଫୋନ କରିଥିଲେ ବି ତାଙ୍କ ଫୋନ ସ୍ୱିଚ ଅଫ ଥିବାରୁ ବର୍ତ୍ତମାନ ସୁଦ୍ଧା ତାଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରୁନାହିଁ। ରାଜେନ୍ଦ୍ରଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କ ସ୍ତ୍ରୀ ବ୍ରହ୍ମପୁର ଷ୍ଟେସନ କୁ ଯାଇ ସ୍ୱାମୀ ଙ୍କ ଆସିବା ବାଟକୁ ଚାହିଁ ବସିଥିଲେ । ସ୍ୱାମୀ ପହଞ୍ଚିବା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ରେ ଚିକିତ୍ସା କରି ଘରକୁ ଆସିବା ଯୋଜନାରେ ସେ ଅପେକ୍ଷା କରିଥିଲେ । ସ୍ୱାମୀଙ୍କ କହିବା ସମୟ ଅନୁଯାୟୀ ନ ପହଞ୍ଚିବାରୁ ନିରାଶ ହୋଇ ଗାଁ କୁ ଫେରିଥିଲେ ପରେ ବାଧ ହୋଇ ବ୍ରାହ୍ମଣୀଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ରାଜେନ୍ଦ୍ର ଙ୍କ ବୟସ ପ୍ରାୟ ୩୫ ବର୍ଷ ,ଉଚ୍ଚତା ପାଞ୍ଚ ଫୁଟ ପାଞ୍ଚ ଇଞ୍ଚ, ହେହର ରଙ୍ଗ ଶ୍ୟାମଳ, ସେ ବାହାରିବା ସମୟରେ ହଳଦିଆ ରଙ୍ଗର ସାର୍ଟ ଓ କଳା ରଙ୍ଗର ପେଣ୍ଟ ପିନ୍ଧିଥିଲେ। ସେ 7387003234 ମୋବାଇଲ ନଂ ବ୍ୟବହାର କରୁଥିଲେ। ଏଣୁ ଯେକୌଣସି ବ୍ୟକ୍ତି ରାଜେନ୍ଦ୍ର ଙ୍କ ସନ୍ଧାନ ପାନ୍ତି ତେବେ ସ୍ଥାନୀୟ ପୋଲିସ ଷ୍ଟେସନ ରେ କିମ୍ବା ତାଙ୍କ ପରିବାରର 8895881850 ନଂ କୁ ଯୋଗାଯୋଗ କରି ସୂଚନା ଦେବାକୁ ତାଙ୍କ ସ୍ତ୍ରୀ ନିବେଦନ କରିଛନ୍ତି।

## ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ପକ୍ଷରୁ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ଦାବି




ବ୍ରହ୍ମପୁର,(ନି.ପ୍ର):ଚୁକ୍ତିଭିତ୍ତିକ ନିଯୁକ୍ତ ପ୍ରଥା ଉଚ୍ଛେଦ କରି ରାଜ୍ୟ ସରକାର ରେଗୁଲାର କର୍ମଚାରୀ ପ୍ରଥା ସୃଷ୍ଟି କରିବାକୁ ରବିବାର ଅପରାହ୍ନ ଦୁଇ ଘଣ୍ଟା ସମୟରେ ବ୍ରହ୍ମପୁର ସ୍ଥିତ ସ୍ଥାନୀୟ ଖଲ୍ଲିକୋଟ କଲେଜ ଷ୍ଟାଡିୟମ ପରିସରରେ ଗଞ୍ଜାମ ଜିଲ୍ଲା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ପକ୍ଷରୁ ଏକ ନୂତନ ସଙ୍ଘ ଗଠନ କରାଯିବା ସହ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଥା ଉଚ୍ଛେଦ ଦାବି କରାଯାଇଛି ।ଓଡ଼ିଶା ସରକାରୀ ଚୁକ୍ତିଭିତ୍ତିକ କର୍ମଚାରୀ ସଂଘ ସଭାପତି ସୁନିଲ କୁମାର ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନାମରେ କର୍ମଚାରୀଙ୍କୁ ଶୋଷଣ ଓ ଲୁଣ୍ଠନ କରୁଛନ୍ତି ।ଜଣେ ଦିନ ମଜୁରିଆ ଦୈନିକ ମଜୁରୀରୁ ମଧ୍ୟ କମ ଦରମା ଚୁକ୍ତିଭିତ୍ତିକ କର୍ମଚାରୀ କାମ କରୁଛନ୍ତି ।କର୍ମଚାରୀ ନିଯୁକ୍ତ ସମୟରେ ଫାଇବ-ଟି କାର୍ଯ୍ୟକାରୀ କରାଯାଉ ଥିବା ବେଳେ ବେତନ ବେଳେ କାହିଁକି କାର୍ଯ୍ୟକାରୀ ହେଉ ନାହିଁ ବୋଲି କର୍ମକର୍ତ୍ତା ପ୍ରଶ୍ନ କରିଛନ୍ତି ।ସରକାର କେବଳ ଗ୍ରୁପ-(ସି) ଓ ଗ୍ରୁପ-(ଡି)ବର୍ଗର କର୍ମଚାରୀଙ୍କ ନିମନ୍ତେ ଚୁକ୍ତିଭିତ୍ତିକ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଏକ ଦୁର୍ଭାଗ୍ୟଜନକ କଥା ବୋଲି ସଂଘ ସମ୍ପାଦକ ଲୋକନାଥ ପାଢ଼ୀ କହିଛନ୍ତି ।ସଂଘ ପକ୍ଷରୁ ବାରମ୍ବାର ପ୍ରଶାସନିକ ସ୍ତରରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ପ୍ରଦେକ୍ଷପ ଗ୍ରହଣ କରାଯାଉ ନାହିଁ ।ଏଣୁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।ଏହି ଅବସରରେ ସଂଘ ଉପସଭାପତି ସନ୍ତୋଷ ଗୌଡ଼,ସଂଯୋଜକ ଜୟଦେବ ବେହେରା,କୋଷାଧ୍ୟକ୍ଷ ଶ୍ରୀନିବାସ ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀ ଓ କମିଟି ବୃନ୍ଦ ଉପସ୍ଥିତ ଥିଲେ ।

## ମହାନଦୀ ପୋଲ ପାଲଟିଛି ମରଣଯନ୍ତା

ବୌଦ୍ଧ,(ନି.ପ୍ର): ଗୋଟିଏ ପଟେ ଜିଲା ପ୍ରଶାସନ ପକ୍ଷରୁ ଐତିହାସିକ ବୌଦ୍ଧ ସହରର ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାବେଳେ ଅନ୍ୟପଟେ ଜିଲାର ପ୍ରମୁଖ ପ୍ରବେଶ ଦ୍ୱାର କୁହାଯାଉଥିବା ବୌଦ୍ଧ କିଆକଟା ମହାନଦୀ ସେତୁର ଦୂରାବସ୍ଥା ସମସ୍ତଙ୍କୁ ଚିନ୍ତାରେ ପକାଇଦେଇଛି। ବହୁ ପ୍ରତୀକ୍ଷିତ ଏହି ସେତୁ ନିର୍ମାଣ ପରେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ପୂର୍ବ ଓଡ଼ିଶା ମଧ୍ୟରେ ସିଧାସଳଖ ସଂପର୍କ ସୃଷ୍ଟି ହୋଇଥିଲା। ଉତ୍ତର ପ୍ରଦେଶ ବ୍ରିଜ ନିର୍ମାଣ କମ୍ପାନୀ ଦ୍ୱାରା ୨୦୦୨ ମସିହାରେ ଏହି ସେତୁ ନିର୍ମାଣ ସଂପୂର୍ଣ୍ଣ ହୋଇଥିଲା। ଏହାର ନିର୍ମାଣକୁ ନେଇ କମ୍ପାନୀ ସହିତ ପୁର୍ତ୍ତ ବିଭାଗ ମଧ୍ୟ ଖୁବ ପ୍ରଶଂସା ସାଉଣ୍ଟିଥିଲା। ପ୍ରାୟ ଦୁଇକିଲୋମିଟର ଲମ୍ବ ଏହି ବ୍ରିଜ ସେତେବେଳେ ମହାନଦୀ ଉପରେ ଦ୍ୱିତିୟ ଦୀର୍ଘତମ ସେତୁ ଭାବରେ ମାନ୍ୟତା ପାଇଥିଲା। ଏହି ସେତୁ ଉପରେ ଦୈନିକ ପ୍ରାୟ ୫ ହଜାରରୁ ଅଧିକ ଗାଡ଼ିମଟର ଯିବା ଆସିବା କରୁଥିବାବେଳେ ବର୍ତ୍ତମାନ କଟକ ସମ୍ବଲପୁର ରାସ୍ତା ନିର୍ମାଣ କାମ ଚାଲିଥିବା ଯୋଗୁଁ ବହୁ ସଂଖ୍ୟାରେ ଭାରିଯାନ ମଧ ଏହି ସେତୁ ଉପର ଦେଇ ଯିବା ଆସିବା କରୁଛି। ଫଳରେ ମୂଳ ସେତୁର କୌଣସି କ୍ଷତି ହୋଇନଥିଲେ ବି ସେତୁ ଉପରେ ଢଳାଯାଇଥିବା କଂକ୍ରିଟ ଆସ୍ତରଣ ବାରମ୍ବାର ଫାଟି ଲୁହାଛଡ ସବୁ ବିପଦଜନକ ଭାବରେ ବାହାରକୁ ବାହାରି ରହିଛି। ପୁର୍ତ୍ତ ବିଭାଗ ପକ୍ଷରୁ ଏହାର ବାରମ୍ବାର ମରାମତି କରାଯାଉଥିଲେ ମଧ ଅଳ୍ପଦିନ ପରେ ପୁଣିଥରେ କଂକ୍ରିଟ ଫାଟି ଛଡସବୁ ବାହାରି ଖାଲ ସୃଷ୍ଟି ହୋଇଯାଉଥିବା ଦେଖାଯାଉଛି। ଏହି ସେତୁ ଉପରେ ବାରମ୍ବାର ଦୁର୍ଘଟଣା ଘଟି ଅନେକ ଜନ ଜୀବନ ଯାଇସାରିଲାଣି । ହେଲେ ସେତୁ ଉପରେ ସୃଷ୍ଟି ହୋଇଥିବା ଖାଲ ଓ ବାହାରିଥିବା ଛଡ଼ର ସ୍ଥାୟୀ ମରାମତି କରାଯାଉନଥିବାରୁ ସବୁବେଳେ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି। ଗୋଟିଏବର୍ଷ ପୂର୍ବରୁ ଏହି ସେତୁର ଆଲୋକୀକରଣ କରି ଜିଲାପାଳ ସାଧାଣରେ ଅନେକ ପ୍ରଶଂସା ସାଉଣ୍ଟିବା ସହିତ ଅନ୍ୟଜିଲାରେ ଏହାକୁ ଉଦାହରଣ ଭାବରେ ଗ୍ରହଣ କରାଯାଇ ସେଠାକାର ସେତୁକୁ ମଧ ଆଲୋକୀକରଣ କରାଯାଇଥିଲା। କିନ୍ତୁ ବର୍ତମାନ ବୌଦ୍ଧ ମହାନଦୀ ସେତୁର ଅବସ୍ଥା ଦେଖିଲେ ଏତେ ଟଙ୍କା ଖର୍ଚ୍ଚ କରି ଆଲୋକୀକରଣର କୌଣସି ଅର୍ଥ କିଛି ବୁଝାପଡୁନାହିଁ। ବର୍ତ୍ତମାନ ଜିଲାରେ ମହାନଦୀ ଉପରେ ଧଳପୁର ଆଠମଲ୍ଲିକ ଓ ବୌଦ୍ଧ ମର୍ଜାକୁଦ ମଧ୍ୟରେ ଦୁଇଗୋଟି ସେତୁ ନିର୍ମାଣ କରାଯାଇ ଉଦଘାଟନ ଅପେକ୍ଷାରେ ଥିବାବେଳେ ମାତ୍ର ୨୦ ବର୍ଷ ତଳେ ନିର୍ମିତି ବୌଦ୍ଧ କିଆକଟା ସେତୁର ସୁରକ୍ଷା ପ୍ରତି ପୁର୍ତ୍ତ ବିଭାଗ ପକ୍ଷରୁ ଦୃଷ୍ଟି ଦିଆନଯିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରୁଅଛି। ତେଣୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇ ବୌଦ୍ଧ କିଆକଟା ସେତୁ ଉପରେ ବିପଦଜନକ ଭାବରେ ବାହାରି ରହିଥିବା ଛଡ ଓ ସୃଷ୍ଟି ହୋଇଥିବା ଖାଲର ତୁରନ୍ତ ମରାମତି କରାଯିବାକୁ ଦାବି ହୋଇଛି।

## ପ୍ରଦୀପ ମହାରଥୀ ମେମୋରିଆଲ କପ୍ କ୍ରିକେଟ, ଲିଡର ଏକାଦଶ ଚମ୍ପିୟାନ



ପିପିଲି,(ନି.ପ୍ର): ପିପିଲି ଜବାହର ବିଦ୍ୟାପୀଠ ଠାରେ ରବିବାର ଅନୁଷ୍ଠିତ ପ୍ରଦୀପ ମହାରଥୀ ମେମୋରିଆଲ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପିପିଲିର ପ୍ରଶାସନ ଏକାଦଶକୁ ହରାଇ ପିପିଲି ଲିଡର ଏକାଦଶ ଦଳ ଚମ୍ପିୟାନ ହୋଇଛି। ଦିବଂଗତ ବିଧାୟକ ସ୍ୱର୍ଗତ ପ୍ରଦୀପ ମହାରଥୀଙ୍କ ଜୟନ୍ତୀ ଅବସରରେ ଆୟୋଜିତ ଏହି ଦିନିକିଆ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ସରକାରୀ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଗଠିତ ପିପିଲି ପ୍ରଶାସନ ଏକାଦଶ, ପିପିଲି ମିଡିଆ ଏକାଦଶ ଓ ନିର୍ବାଚିତ ଜନ ପ୍ରତିନିଧିଙ୍କୁ ନେଇ ଗଠିତ ପିପିଲି ଲିଡର ଏକାଦଶ ଦଳ ଭାଗ ନେଇଥିଲେ। ଏହାକୁ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଓ ପିପିଲି ବିଡିଓ ରଶ୍ମିତା ନାଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।ବିଧାୟକ ରୁଦ୍ରପ୍ରତାପ ମହାରଥୀ ଲିଡର ଏକାଦଶ (ଆର୍‌ପିଏମ୍) ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିବା ବେଳେ ବରିଷ୍ଠ ସାମ୍ବାଦିକ ଦ୍ୱିତିକୃଷ୍ଣ ପଟ୍ଟନାୟକ ମିଡିଆ ଏକାଦଶ ର ଅଧିନାୟକ ଓ ପିପିଲି ବ୍ଲକ ଯୋଗାଣ ନିରୀକ୍ଷକ ଦିପ୍ତୀରଞ୍ଜନ ଇନ୍ଦ୍ରସିଂ ପ୍ରଶାସନ ଏକାଦଶର ଅଧିନାୟକ ରହିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ପରସ୍ପରକୁ ଭେଟି ଥିବା ବେଳେ ଲିଡର ଏକାଦଶ ଓ ପ୍ରଶାସନ ଏକାଦଶ ଫାଇନାଲ୍‌କୁ ଉତ୍ତୀର୍ଣ୍ଣ ହୋଇଥିଲେ। ପ୍ରଶାସନ ଏକାଦଶ ଫାଇନାଲ ମ୍ୟାଚ୍‌ର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭର ମଧ୍ୟରେ ୬ ୱିକେଟ୍ ବିନିମୟରେ ୭୪ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ଲିଡର ଏକାଦଶ ମାତ୍ର ୩ ୱିକେଟ୍ ବିନିମୟରେ ୭୫ ରନ୍ ସଂଗ୍ରହ କରି ଚମ୍ପିୟାନ ଘୋଷିତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠିତ ପୁରଷ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରାଜକିଶୋର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ନାୟକ, ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ପୁରୀ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ, ଧର୍ମେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ଓ ରନର୍ସ ଅପ୍ ଦଳକୁ କପ୍ ପ୍ରଦାନ କରିଥିଲେ। ଏହି ଅବସରରେ ୩ଟି ଯାକ ଦଳର ବିଶେଷ କ୍ରୀଡା ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ରାଜ୍ୟ ବିଜେଡି ସଂପାଦକ ପ୍ରୀୟବ୍ରତ ସାମନ୍ତରାୟ, ଯୁବ ସଂଗଠକ ବିଶ୍ୱଜିତ ଦାଶ, ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ସୁଶାନ୍ତ କୁମାର ମଲ୍ଲିକ, ସାଂସଦ ପ୍ରତିନିଧି ନାରାୟଣ ସ୍ୱାଇଁ, ଜିଲା ବିଜେଡି ସାଧାରଣ ସଂପାଦକ କିଶୋର କୁମାର ଛୋଟରାୟ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ସଭ୍ୟ ଦେବାଶିଷ ନନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଯୁଧିଷ୍ଠୀର ସ୍ୱାଇଁ, ପିପିଲି ଏନ୍‌ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷା ଭାଗ୍ୟବତୀ ମହାରଣା, ଯୁବନେତା ସୌମ୍ୟରଞ୍ଜନ ମହାପାତ୍ର, ପିଙ୍କୁ ପ୍ରଧାନ, ଜ୍ଞାନେନ୍ଦ୍ର ପରିଡ଼ା, ଆଦିତ୍ୟ ପ୍ରସାଦ ଭୋଳ, ସଂଗ୍ରାମ ଶେଖର ଜେନା, ଅଜୟ ବେହେରା, ରାକେଶ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

## ମିଳିତ ସାମ୍ବାଦିକ ସଂଘ ଗଁଦିଆ ର ପ୍ରଥମ ବାର୍ଷିକ ଉତ୍ସବ ୨୦୨୨ ଅନୁଷ୍ଠିତ।







ଢେଙ୍କାନାଳ,(ନି.ପ୍ର):ଢେଙ୍କାନାଳ ଜିଲ୍ଲା ର ଗଁଦିଆ ବ୍ଲକ ମିଳିତ ସାମ୍ବାଦିକ ସଂଘ ଗଁଦିଆ ପକ୍ଷରୁ ସଂଘ ର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ତିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ର ସଭାପତି କ୍ଷିରୋଦ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୁଭ ପବିତ୍ର କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବରେ ମାନ୍ୟବର ଉପବାଚସ୍ପତି ଓଡ଼ିଶା ବିଧାନସଭା ଶ୍ରୀଯୁକ୍ତ ରଜନିକାନ୍ତ ସିଂହ ପ୍ରଥମେ ପ୍ରଦିପ ପ୍ରଜଳନ ପରେ ସଭା କାର୍ଯ୍ୟ ଆରମ୍ଭ ହେଇଥିଲା । ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ସୁଧିର କୁମାର ସାମଲ, ଶ୍ରୀଯୁକ୍ତ ଆଶିଷ ରଞ୍ଜୀନ ସାହୁ ବିଡ଼ିଓ ଗଁଦିଆ, ଶ୍ରୀଯୁକ୍ତ ବିମଳ କୃଷ୍ଣ ଥମ୍ବ ରାଷ୍ଟ୍ରୀୟ ସଭାପତି ଭାରତୀୟ ସାମ୍ବାଦିକ ମହାସଂଘ, ଅମ୍ବ୍ରିତ୍ ମହାନ୍ତି ଗଁଦିଆ ଥାନା ଭାରପ୍ରାପ୍ତ ଅଧିକାରୀ, ରିନାରାଣି ଖଟୁଆ ବ୍ଲକ ଅଧକ୍ଷା ଅତିଥି ଭାବେ ମଞ୍ଚାସିନ ଥିଲେ। ଏଥିସହିତ ଅତିଥିମାନଙ୍କୁ ମିଳିତ ସାମ୍ବାଦିକ ସଂଘ ଗଁଦିଆ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତତ୍ ସହିତ କିଛି ପ୍ରତିଭାମାନ ବ୍ୟକ୍ତି ଏବଂ ଅନୁଷ୍ଠାନ ଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଏକ ପତ୍ରିକା "କଲମ" ର ଉନ୍ମୋଚନ କରାଯାଇଥିଲା। ଉଦ୍ଯାପନିସନ୍ଧ୍ୟାର ମୁଖ୍ୟ ଅତିଥି ଗଁଦିଆ ଥାନା ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟରତ ଅମ୍ରିତ୍ ମାହାନ୍ତି ଙ୍କ ଦ୍ୱାରା ସଂଘ ର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ର ସଦସ୍ୟ ବିଜ୍ଞାନ ମାହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଭାପତି କ୍ଷିରୋଦ ଚନ୍ଦ୍ର ଦାସ ଓ ସମ୍ପାଦକ ପୁଷ୍ପଲତା h। ମିଳିତ ସାମ୍ବାଦିକ ସଂଘ ତରଫରୁ ବିଶେଷ ଆକର୍ଷଣ ପେଣ୍ଟେଡ ମେଡିସିନ ନାଟକ ମଞ୍ଚସ୍ଥ ହେଉଥିଲା।

## ଜିଲାପାଳଙ୍କୁ ଭେଟିଲା ଜିଲା କିନ୍ନର ସଂଘ

ନବରଙ୍ଗପୁର,(ନି.ପ୍ର): ଜିଲା କିନ୍ନର ସଙ୍ଘର କର୍ମକର୍ତ୍ତାମାନେ ମନ୍ଦିରକୁ ଯାଇ ମା' ଭଣ୍ଡାରଘରଣୀଙ୍କ ଆଶୀର୍ବାଦ ନେଇଥିଲେ। ଏହାପରେ ସଙ୍ଘର ଅଧକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ କିନ୍ନର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କୁ ଭେଟିଥିଲେ। ଏହି ଅବସରରେ କିନ୍ନର ସଙ୍ଘର ପଞ୍ଜିକୃତ ପ୍ରମାଣପତ୍ରକୁ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଜିଲ୍ଲାପାଳ ନିଜ କାର୍ଯ୍ୟାଳୟରେ କିନ୍ନରମାନଙ୍କ ସହ ବସି ତାଙ୍କର ବିଭିନ୍ନ ସମସ୍ୟାର ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଏବଂ ଏହାର ତୁରନ୍ତ ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ କିନ୍ନର ସଙ୍ଘର କର୍ମକର୍ତ୍ତା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଏବଂ ତହସିଲଦାର ରବିନ୍ଦ୍ର କୁମାର ରାଉତଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ କିନ୍ନର ସଙ୍ଘର ସଭାପତି କାଜଲ, ସମ୍ପାଦକ ଚୁମକୀ, ଉପସଭାପତି ସୋନା, ସହସମ୍ପାଦକ ପ୍ରୀତି, କୋଷାଧକ୍ଷ କଳ୍ପନା ସମେତ କାର୍ଯ୍ୟ ନିର୍ବାହୀ ସଭ୍ୟ କୃଷ୍ଣପ୍ରସାଦ ରଥ, ସୁବ୍ରତ ବେହେରା,ବାବୁଲା ସୃତି, ତନୁଜା, ଅନିତା, କୁନା, ଜୟନ୍ତୀ, ଅଞ୍ଜୁ,ବିପ୍ଳମା, ଗୋପା, ଗୁଗୁ, ଡମୁ ସାହୁ ଏବଂ ଅର୍ଜୁନ ଜାନୀ ପ୍ରମୁଖ କିନ୍ନର ସମେତ ଜିଲ୍ଲାର ଅନ୍ୟ ସମସ୍ତ କିନ୍ନର ଉପସ୍ଥିତ ଥିଲେ।

## ଗଣମାଧ୍ୟମ ପ୍ରତିନିଧି ଙ୍କୁ ଗିରଫ ପ୍ରତିବାଦ ରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳ ଙ୍କୁ ଦାବି ପତ୍ର



ଢ଼େଙ୍କାନାଳ,(ନି.ପ୍ର):ଗଣମାଧ୍ୟମ ର ବଡଖବର ର ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସ ଙ୍କ ଗିରଫ ଦାରିଙ୍କୁ ନେଇ ସାରା ରାଜ୍ୟରେ ପ୍ରତିବାଦ ର ସ୍ୱର ଉଠୁଥିବ ବେଳେ ଗଁଦିଆ ମିଳିତ ସାମ୍ବାଦିକସଙ୍ଘ ମଧ ଉକ୍ତ ଘଟଣା ର ଦୃଢ଼ ପ୍ରତିବାଦ କରିଛି। ବଡ଼ ଖବର ର ସମ୍ପାଦକ ଅର୍ଦ୍ଧେନ୍ଦୁଦାସ ଙ୍କ ଗିରଫ ପ୍ରତିବାଦ ରେ ଗଁଦିଆ ମିଳିତ ସାମ୍ବାଦିକ ସଙ୍ଘ ପକ୍ଷରୁ ଏକ ବୈଠକ ରେ ଉଦେଶ୍ୟରେ ଗଁଦିଆମିଳିତ ସାମ୍ବାଦିକ ସଙ୍ଘ ତରଫରୁ ଚେତାବନୀ ଦେଇଥିବା ସରକାର ଙ୍କୁ ଜଣାଯାଇଛି,
ସବୁବେଳେ ସାମ୍ବାଦିକ ମାନଙ୍କୁ ଆରକୋଷ ରଖି ସତ୍ୟର କଣ୍ଠ ରୋଧ କରି ବିଭିର୍ନ ପ୍ରକାର ହଇରାଣ ହରକତ କରାଯାଉଥିବାରୁ ସଙ୍ଘ ପକ୍ଷରୁ ଆଇନ ଆଣିବା ସହ ଏପରି ଅମାନବୀୟ କାର୍ଯ୍ୟ କୁ ତୁରନ୍ତ ବନ୍ଦ କରିବାକୁ ସଙ୍ଘ ପକ୍ଷରୁ ରାଜ୍ୟ ପାଳଙ୍କୁ ଚେତାବନୀ ଗଣମାଧ୍ୟମରେ ଦେଇଛନ୍ତି, ତୁରନ୍ତ ଏହାର ପଦକ୍ଷେପ ନ ନିଆଗଲେ ଆଗକୁ ଆନ୍ଦୋଳନ ଜାରି ରହିବ ଓ ସାମ୍ବାଦିକ ର ସୁରକ୍ଷା ସହ ମାସିକ ଦରମା ଦେବାପାଇଁ ଗଁଦିଆ ମିଳିତ ସାମ୍ବାଦିକ ସଙ୍ଘ ଚେତାବନୀ ଓଡିଶା ସରକାର ଙ୍କୁ ଜାରି ରଖିଛି।

## ଅସହାୟଙ୍କ ଶବ ସତ୍କାର





ସମ୍ବଲପୁର,(ନି.ପ୍ର): ସମ୍ବଲପୁରର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ବଳ ଦ୍ୱାରା ୨ଟି ଅସହାୟ ଶବ ସତ୍କାର କରାଯାଇଛି। ଶନିବାର ସଦର ଥାନା ଅର୍ନ୍ତଗତ ଷ୍ଟେସନପଡ଼ାର ଶଶି ମିର୍ଦ୍ଧା (୬୭) କେନଲାରେ ପଡ଼ି ମୃତ୍ୟୁ ହୋଇଥିଲା। ତାଙ୍କର ପତ୍ନୀ ଆର୍ଥିକ ଦୁରାବସ୍ଥା ଯୋଗୁଁ ସ୍ୱାମୀଙ୍କ ଅନ୍ତିମ ସଂସ୍କାରରେ ଅସମର୍ଥତା ଜଣାଇ ସମ୍ବଳ କୁ ଅନୁରୋଧ କରିବାରୁ ଶବ ବ୍ୟବଚ୍ଛେଦ ପରେ ସତ୍କାର କରାଯାଇଥିଲା। ସେହିଭଳି ରବିବାର କୁଲୁଣ୍ଡି ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସୀ ମାନେ କଦଳିମୁଣ୍ଡା ଗ୍ରାମର ଧିରେନ ଭୋଇ ନାମକ ବ୍ୟକ୍ତି ଙ୍କ ଶବ ସତ୍କାର କରିବା ପାଇଁ ସମ୍ବଳକୁ ଲିଖିତ ଅନୁରୋଧ କରିଥିଲେ। ସେ ଅନ୍ୟ ଜାତିରେ ବିବାହ କରିଥିବାରୁ ତାଙ୍କର ମୃତ୍ୟୁ ପରେ ସର୍ମ୍ପକୀୟ ମାନେ ଶବ ସତ୍କାର କରିବା ପାଇଁ ମନା କରି ଦେଇଥିଲେ। ଏଣୁ ସମ୍ବଳ ପରିବାର ପକ୍ଷରୁ କମଳିବଜାର ସ୍ଥିତ ରାଜଘାଟ ଠାରେ ସମ୍ମାନର ସହିତ ଶବ ଦ୍ୱୟ କୁ ସତ୍କାର କରିଛନ୍ତି। ଏହି ମାନବୀୟ ସେବା କାର୍ଯ୍ୟରେ ରାମଦାସ ପଣ୍ଡା, ଶିବ ମଲ୍ଲିକ, ଶମ୍ଭୁ ପଟେଲ ଓ ସୌରୀ ପାଣିଗ୍ରାହୀ ସକ୍ରିୟ ସହାୟତା କରିଥିଲେ।

## ଜଳବାୟୁ ପରିବର୍ତ୍ତନ, ପରିବେଶ ଓ ବିଶ୍ୱ ଶାନ୍ତି ଶୀର୍ଷକ ଆଲୋଚନା




କଟକ,(ନି.ପ୍ର): ରୋଟାରୀ କ୍ଲବ କଟକ ମହାନଦୀ ଦ୍ୱାରା କଟକ ଲିଙ୍କ ଚକ୍ଷୁ ଚିକିତ୍ସାଳୟ ପରିସରରେ 'ଜଳବାୟୁ ପରିବର୍ତ୍ତନ, ପରିବେଶ ଓ ବିଶ୍ୱ ଶାନ୍ତି' ପ୍ରସଙ୍ଗ ଉପରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ଡଃ ସଞ୍ଜୟ କୁମାର ସାମନ୍ତରାୟ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଜଳବାୟୁର ପରିବର୍ତନ ମାନବ ସମାଜ ପାଇଁ ବିପଦର କାରଣ ହୋଇଛି ବୋଲି କହିଥିଲେ। ସେ ତାଙ୍କର ବକ୍ତବ୍ୟରେ ପଲିଥିନର ବ୍ୟବହାର ବନ୍ଦ କରିବାକୁ ପରାମର୍ଶ ଦେଇଥିଲେ। ଅଧିକରୁ ଅଧିକ ବୃକ୍ଷ ରୋପଣ ଦ୍ୱାରା ଜଳବାୟୁର ସନ୍ତୁଳନ ଓ ପରିବେଶର ସୁରକ୍ଷା ହୋଇପାରିବ ବୋଲି କହିଥିଲେ।ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କ୍ଲବର ସଭାପତି ରୋଟରିଆନ ରାଜଲକ୍ଷ୍ମୀ ପାତ୍ର ପରିବେଶର ସୁରକ୍ଷା ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। କ୍ଲବ ପକ୍ଷରୁ ଆଗାମୀ ଦିନରେ ବୃକ୍ଷରୋପଣକୁ ତ୍ୱରାନ୍ୱିତ କରାଯିବ ବୋଲି କହିଥିଲେ। ଏହି ସେମିନାରରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଅଶୋକ ବିହାରୀ ମହାପାତ୍ର, କ୍ଲବର ଆସିଷ୍ଟାଣ୍ଟ ଗଭର୍ଣ୍ଣର କୃଷ୍ଣ କୁମାର ଦାସବର୍ମା, ଚକ୍ଷୁ ଚିକିତ୍ସାଳୟର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ କୁମାର ସାହୁ, ରୋଟରିଆନ ନଟବର ପଣ୍ଡା, ସୁଜାତା ମହାପାତ୍ର, ସରିତା ମିଶ୍ର, ସଞ୍ଜୟ କୁମାର ଛାପୋଲିଆ, ସଂଯୁକ୍ତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ଲବର ସେକ୍ରେଟାରୀ ଲଳିତ କୁମାର ରାଉତ ପରିଚାଳନା କରିଥିଲେ।

## ଅର୍ଥ ଅଭାବରୁ ନିର୍ମାଣ କାର୍ଯ୍ୟ ପ୍ରଭାବିତ, ଜେଏମଏଫସି କୋର୍ଟ ଖୋଲିବାରେ ବିଳମ୍ବ

ବେଗୁନିଆ,(ନି.ପ୍ର): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ବେଗୁନିଆରେ ଜେଏମଏଫସି କୋର୍ଟ ଖୋଲିବା ପାଇଁ ପ୍ରଶାସନିକ ସ୍ତରରେ ଭିତ୍ତିଭୂମି ଅନୁଧ୍ୟାନ ପରେ ୨୦୧୭ରେ ସରକାର ଏଠାରେ କୋର୍ଟ ଖୋଲିବା ପାଇଁ ବିଜ୍ଞପ୍ତି ଜାରି କରିଥିଲେ। କିନ୍ତୁ କୋର୍ଟ ଖୋଲିବା ପାଇଁ ସ୍ଥିର ହୋଇଥିବା କୋଠାଟି ପରିତ୍ୟକ୍ତ ଅବସ୍ଥାରେ ପଡିଥିବାବେଳେ ଅର୍ଥ ଅଭାବରୁ ମରାମତି ହୋଇ ପାରି ନଥିଲା। ପୂର୍ବତନ ଖୋର୍ଦ୍ଧା ଜିଲାଜଜ ବାରମ୍ବାର ବେଗୁନିଆ ଆସି ପ୍ରସ୍ତାବିତ ଗୃହ ପରିଦର୍ଶନ କରି ସମ୍ପୃକ୍ତ ଗୃହର ମରାମତି ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନିକ ଅନାଗ୍ରହ ଯୋଗୁଁ କୋଠା ମରାମତି କାର୍ଯ୍ୟ ହୋଇପାରିନଥିଲା। ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ୍ୟ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଏବଂ ପ୍ରଶାସନିକ ଉଦାସୀନତା ଯୋଗୁଁ କୋର୍ଟ ଖୋଲିବା ନେଇ ଅନିଶ୍ଚିତତା ପ୍ରକାଶ ପାଇଛି। ଜିଲାଜଜ ଶ୍ୟାମ ସୁନ୍ଦର ଦାଶ ଏବଂ କୋର୍ଟ ମ୍ୟାନେଜରଙ୍କ ଘନ ଘନ ଗସ୍ତ ଫଳରେ ୨୦୨୦ରେ କୋଠା ମରାମତି କାର୍ଯ୍ୟ ବ୍ଲକ କରି ପାରି ନଥିବା ବେଳେ ସମ୍ପୃକ୍ତ କୋଠାଟିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିଥିଲା।ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ଉକ୍ତ କୋଠାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ଗତ ବର୍ଷ ଅଗଷ୍ଟ ମାସ ସୁଦ୍ଧା କାର୍ଯ୍ୟ ଶେଷ ହେବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା ।କିନ୍ତୁ ବିଭାଗ ପକ୍ଷରୁ ବିଳମ୍ବରେ କାର୍ଯ୍ୟ ଆରମ୍ଭ କରାଯାଇ ଡିସେମ୍ବର ମାସରୁ ଅର୍ଥ ଅଭାବରୁ କାର୍ଯ୍ୟ ବନ୍ଦ ରହିଛି। କିନ୍ତୁ ଆଉ କିଛି କାର୍ଯ୍ୟ ବାକି ରହିଯାଇଥିବାବେଳେ ସେଥିପାଇଁ ଅର୍ଥର ଅଭାବ ଦେଖା ଦେଇଛି। ଅର୍ଥ ଅଭାବରୁ ଜାନୁଆରୀ ମାସରୁ କାର୍ଯ୍ୟରେ ଅଗ୍ରଗତି ହୋଇପାରୁ ନାହିଁ ।ଏଥିପାଇଁ ମଧ୍ୟ ଜିଲାଜଜ କୋର୍ଟ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ କେହି ତତ୍ପରତା ପ୍ରକାଶ କରୁନାହାନ୍ତି। ଅନ୍ୟପଟେ ଅର୍ଥ ଅଭାବରୁ କୋଠାର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇପଡ଼ି ରହିଥିବାବେଳେ କୋର୍ଟ ଖୋଲିବାରେ ବିଳମ୍ବ ଘଟୁଛି। କୋଠା ନିର୍ମାଣ କାର୍ଯ୍ୟ ଠିକ ସମୟରେ ଶେଷ ହେଉନଥିବାରୁ କୋର୍ଟ ଖୋଲିବାରେ ବିଳମ୍ବ ଘଟୁଛି। ଫଳରେ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରଶାସନିକ ଅବହେଳା ଯୋଗୁଁ କୋର୍ଟ ଖୋଲିବାରେ ଅହେତୁକ ବିଳମ୍ବ ଘଟୁଥିବାରୁ ଲୋକମାନେ ଆନ୍ଦୋଳନ କରିବା ପାଇଁ ସଜବାଜ ହେଉଥିବାର ଜଣାପଡିଛି ।

## ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ



ବୌଦ୍ଧ,(ନି. ପ୍ର): ବୌଦ୍ଧ ସହର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ସପ୍ତାହ ଅବସରରେ ଆଜି ସକାଳେ ବିଦ୍ୟାଳୟ ତରଫରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ବିଦ୍ୟାଳୟର ପ୍ରାଧନ ଶିକ୍ଷକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ଘିବେଲାଙ୍କ ସହିତ ଅତିଥି ଭାବରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ସାକ୍ଷୀଗୋପାଳ ପ୍ରଧାନ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳକାନ୍ତ ଦଳବେହେରା, ଅଖିଳ କୁମାର ପ୍ରଧାନ ଯୋଗ ଦେଇ ଚାରା ରୋପଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ପଦ୍ମନାଭ ସୁବୁଦ୍ଧି, ଅଶୋକ ସୁବୁଦ୍ଧି, ସତ୍ୟନାରାୟଣ ସ୍ୱାଇଁ ଶିକ୍ଷୟିତ୍ରୀ ସୁଜାତା ପୁରୋହିତ, କାତ୍ୟାୟିନୀ ପାଢ଼ୀଙ୍କ ସହିତ ଛାତ୍ରୀ ମାନେଉପସ୍ଥିତ ହୋଇ ଉକ୍ତ ଚାରାରୋପଣକାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବିଶ୍ୱନାଥପୁରଠାରେ ଏକଦିବସୀୟ କବାଡି ପ୍ରତିଯୋଗିତା

ଲାଞ୍ଜିଗଡ,(ନି.ପ୍ର): କବାଡି ଭଳି ଗ୍ରାମ୍ୟ ଜୀବନର ଖେଳକୁ ପୁଣିଥରେ ଲୋକଲୋଚନକୁ ଆଣିବା ସହିତ ଏହାକୁ ଲୋକପ୍ରିୟ କରାଇବା ଉଦ୍ଦେଶ୍ୟରେ ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁରସ୍ଥିତ ମାଁ ହୀରାନୀଳା ଯୁବ ପ୍ରଗତିକେନ୍ଦ୍ର ପ୍ରୟାସ ଆରମ୍ଭ କରିଛି। ଏହିକ୍ରମରେ ଆଜି ବିଶ୍ୱନାଥପୁରଠାରେ ଏକଦିବସୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୱାରିୟର, ଟାଇଗର ଷ୍ଟାର, ସିକ୍ସ ବ୍ଲାଷ୍ଟର୍ସ, ସାଇଲେଂଟ୍ କିଲର୍, ଷ୍ଟର୍ମି ବ୍ରେକର ଓ ସ୍ନେକ ଆଟାକର୍ସ ଭଳି ଛଅଟି ଦଳକୁ ନେଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ୱାରିୟର ଦଳକୁ ୨ ପଏଂଟରେ ହରାଇ ସ୍ନେକ୍ ଆଟାକର୍ସ ବିଜୟୀ ହୋଇଥିଲା।ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରଧାନୀ, ବିଶ୍ୱନାଥପୁର ସରପଂଚ ସୁରଥ ମାଝୀ, ବିଶ୍ୱନାଥପୁର ସମିତିସଭ୍ୟ ଅଜିତ କୁମାର ପ୍ରଧାନୀ, ଭେଟେରାନ ଖେଳାଳୀ ବଟକୃଷ୍ଣ ପୁଷ୍ଟି ପ୍ରମୁଖ ଯୋଗ ଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ମାଁ ହୀରାନୀଳା ଯୁବ ପ୍ରଗତିକେନ୍ଦ୍ରର ସଭାପତି ବିରଂଚି ପ୍ରଧାନୀ, ସଦସ୍ୟ ଚକ୍ରଧର ପାତ୍ର. ଉଦ୍ଧବ ଘଡେଇ, ତ୍ରିଭୁବନ ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାରେ ଖେଳ ପରିଚାଳନା ଧବଳେଶ୍ୱର ଠେଲା କରିଥିବାବେଳେ ସୁଜିତ କୁମାର ପାତ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।



## ସଦ୍‌ଗୁରୁ ହସ୍‌ପିଟାଲ୍ ଡାଏଲିସିସ୍ ସେବା କ୍ଷେତ୍ରରେ ଏକ ମାଇଲଖୁଣ୍ଟ

କଟକ, (ନି.ପ୍ର)ବିଗତ ତିନିମାସ ମଧ୍ୟରେ ଏକ ହଜାରରୁ ଅଧିକ ରୋଗୀଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇ ଆସୁଛି ସଦ୍‌ଗୁରୁ ହସ୍‌ପିଟାଲ୍ । ଗତ ମେ ମାସ ମଧ୍ୟରେ ୧୦୫୪ ଜଣ,ଏପ୍ରିଲ ମାସରେ ୧୦୧୨ ଜଣ ମାର୍ଚ୍ଚ ମାସରେ ୧୦୧୪ ଜଣ ରୋଗୀ ଡାଏ ଲେସିସ୍ ହୋଇଛନ୍ତି । ଯାହା ଓଡ଼ିଶା ରାଜ୍ୟରେ ମେଡିକାଲ୍ କ୍ଷେତ୍ରରେ ସର୍ବାଧିକ ବୋଲି ଦାବି କରାଯାଉଛି। ଏଥିମଧ୍ୟରୁ ଅଧିକାଂଶ ରୋଗୀ ରାଜ୍ୟ ସରକାରଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ଡାଏଲିସିସ୍ ସେବା ପାଇ ପାରୁଛନ୍ତି । ଏହି ହସ୍‌ପିଟାଲ୍‌ରେ ୧୩ଟି ଡାଏଲିସିସ୍ ମେସିନ୍ ରହିଥିବା ବେଳେ ୨ଟି ଡାଏଲିସିସ୍ ମେସିନ୍ ହେପାଟାଇସିସ୍ ସି ପଜେଟିଭ୍ ଥିବା ରୋଗୀଙ୍କ ପାଇଁ ବ୍ୟବହାର କରାଯାଏ । ଏହି ରୋଗୀଙ୍କର ସାଧାରଣତଃ ୧୨-୧୩ ବର୍ଷ ଧରି ଚିକିତ୍ସା ଜାରି ରହିଛି।କ୍ରନିକ୍ ଡିଜିଜ୍ ରୋଗୀମାନେ ମାନସିକ ଭାବେ ଦୁର୍ବଳ ହୋଇପଡୁଥିବା ବେଳେ ହସ୍‌ପିଟାଲ୍ ପକ୍ଷରୁ କାଉନସିଲିଂର ବ୍ୟବସ୍ଥା ରହିଛି । ଡାଏଲିସିସ୍‌ସହ ଏହି ହସ୍‌ପିଟାଲ୍‌ରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବିଭିନ୍ନ ଜଟିଳ ରୋଗ ସହ ସହ ଓପନ୍ ହାର୍ଟ ସର୍ଜରୀ , ହାର୍ଟ ଭାଲଭ୍ ରିପ୍ଲେସ୍‌ମେଣ୍ଟ, ନି ହାଫ୍ ରିପ୍ଲେସ୍ ମେଣ୍ଟ, ହୃଦଘାତର ଶିକାର ବ୍ୟକ୍ତିଙ୍କର ମାଗଣାରେ ଚିକିତ୍ସା କରାଯାଏ । ସରକାରୀ ହସ୍‌ପିଟାଲ୍ ଏବଂ କର୍ପୋରେଟ୍ ହସ୍‌ପିଟାଲ୍ ବହୁତ ସମୟ ଧରି ଏବଂ ବହୁ ଅର୍ଥ ମୂଲ୍ୟ ଦେବାକୁ ପଡୁଥିବା ବେଳେ ଗରିବରୁ ଅତି ଗରିବ ଶ୍ରେଣୀର ଲୋକଙ୍କୁ ବିନାମୂଲ୍ୟେ ଏହି ହସ୍‌ପିଟାଲ୍‌ରେ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି । ଅପରପକ୍ଷରେ ସଦ୍‌ଗୁରୁ ହସ୍‌ପିଟାଲ୍ ପକ୍ଷରୁ ଖୁବ୍‌ଶୀଘ୍ର କ୍ୟାନସର୍ ସର୍ଜରୀ, ରେଡିଓ ଥେରାପୀ, କେମୋଥେରାପି ଗୋଟିଏ ଛାତ ତଳେ ମିଳିପାରିବ । ଏହା ଓଡିଶାରେ କ୍ୟାନସର୍‌କୁ ମୁକାବିଲା କରିବା କ୍ଷେତ୍ରରେ ଏକ ବିପ୍ଳବ ସୃଷ୍ଟି କରିବ ବୋଲି ସଦ୍ଗୁରୁ ମେଡିକାଲ କନସଲଣ୍ଟାଟ୍ ପଲମୋନାରୀ ମେଡିସିନ୍ ଆଣ୍ଡ ମ୍ୟାନେଜିଂ ଡାଇରେକ୍ଟର ପ୍ରଦୀପ କୁମାର ମହାନ୍ତି କହିଛନ୍ତି।

## ମାଛ ଓ କଇଁଛ ବେଶରେ ଦର୍ଶନ ଦେଲେ ଚତୁର୍ଦ୍ଧାମୁର୍ତ୍ତି



ବୌଦ୍ଧ,(ନି.ପ୍ର): ବୌଦ୍ଧ ରଥଯାତ୍ରା ଗଣପର୍ବ ଭାବେ ପାଳନ ହୋଇଆସୁଥିବା ବେଳେ ଚତୁର୍ଦ୍ଧାମୁର୍ତ୍ତି ଏବେ ମାଉସୀ ଘର ଗୁଣ୍ଡିଚା ମନ୍ଦିରରେ ପୂଜା ପାଉଛନ୍ତି। ଯାତ୍ରା ପରେ ଗୋଟିଏ ଦିନ ତିନି ଠାକୁର ବିଶ୍ରାମ କରିବା ପରେ ଦ୍ୱିତୀୟ ଦିବସରେ ଭକ୍ତମାନଙ୍କୁ ମାଛ ଓ କଇଁଛ ବେଶରେ ଦର୍ଶନ ଦେଇଛନ୍ତି। ଠାକୁରମାନଙ୍କ ମଧ୍ୟାହ୍ନଭୋଗ ଲାଗି ହେବାପରେ ବେଶକାରୀମାନେ ବେଶ କରାଇଥିଲେ। ସନ୍ଧ୍ୟାରେ ପ୍ରଭୁଙ୍କ ଦର୍ଶନ କରିବା ପାଇଁ ଗୁଣ୍ଡିଚା ମନ୍ଦିର ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ପାଗ ଅନୁକୁଳ ଥିବାରୁ ଷ୍ଟାଡିୟମ ପଡିଆରେ ମୀନାବଜାରରେ ମଧ୍ୟ ଲୋକମାନେ ବହୁ ସଂଖ୍ୟାରେ ବୁଲି ମଜା ଉଠାଇଥିଲେ।

## ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତି ମୃତ୍ୟୁର ରହସ୍ୟ ଉନ୍ମୋଚନ ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା




ଗୁରୁଡିଝାଟିଆ,(ନି.ପ୍ର): ବିଜେବି କଲେଜର +୩ ପ୍ରଥମବର୍ଷ ମେଧାବୀ କଳାଛାତ୍ରୀ ରୁଚିକା ମହାନ୍ତିର ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ ଓ ଏଥିରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଆଜି ସନ୍ଧ୍ୟାରେ ନିଜ ଗ୍ରାମ କଖଡିରେ ଶତାଧିକ ଛାତ୍ରଛାତ୍ରୀ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ରୁଚିକାର ଅକାଳ ବିୟୋଗ ଗାଁରେ ଥିବା ସାଙ୍ଗମାନଙ୍କ ପାଇଁ ଦାରୁଣ ଆଘାତ ଦେଇଥିବା ବେଳେ ଗାଁରେ ଏକ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। କ୍ୟାଣ୍ଡେଲ ଶୋଭାଯାତ୍ରରେ ରୁଚିକା ମହାନ୍ତି ଅମର ରହେ, ଉଚ୍ଚସ୍ତରୀୟ ତଦନ୍ତ ଆମର ଦାବି, ଅଭିଯୁକ୍ତଙ୍କୁ ଗିରଫ ଆମର ଦାବି ସ୍ଲୋଗାନରେ କଖଡି ଗ୍ରାମ ଫାଟିଉଠୁଥିଲା। ସମସ୍ତଙ୍କ ମନରେ ବିଶାଦର ଛାୟା। ଗତକାଲି ରାତିରେ ରୁଚିକାର ମୃତଦେହ ଆସିବା ପରେ ଗାଁରେ ଶହଶହ ଲୋକଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ସମସ୍ତଙ୍କ ଆଖିରେ ଲୋତକ ଭରି ରହିଥିବାବେଳେ କାହାରି ପାଟିରୁ କଥା ବାହାରୁନଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସପନ୍ନ ହୋଇଥିଲା।ଆଜି ସନ୍ଧ୍ୟାରେ ଗାଁରେ ଥିବା ସାଙ୍ଗମାନେ କ୍ୟାଣ୍ଡେଲ ଶୋଭାଯାତ୍ରା କରି ନ୍ୟାୟ ଦାବି କରିଛନ୍ତି। ନଚେତ୍ ବିଧାନସଭା ଆଗରେ ଧାରଣା ଦେବା ପାଇଁ ମଧ୍ୟ ପଛାଇବେ ନାହିଁ ବୋଲି କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ ରୁଚିକା ଜଣେ ମେଧାବୀ ଛାତ୍ରୀ ଭାବରେ କଖଡି ସରକାରୀ ଉଚ୍ଚ ବିଦ୍ୟାଳୟରୁ ପ୍ରଥମଶ୍ରେଣୀରେ ଉତୀର୍ଣ୍ଣ ହେବା ପରେ ଆଉ ପଛକୁ ଫେରିନଥିଲେ। ଉଚ୍ଚଶିକ୍ଷା ପରେ ୟୁପିଏସସି ପରୀକ୍ଷାଦେବା ଲକ୍ଷ୍ୟରେ ଭୁବନେଶ୍ୱର ବିଜେବି କଲେଜରେ +୩ କଳାରେ ନାମ ଲେଖାଇ ଅଧ୍ୟୟନ କରୁଥିଲେ। ହେଲେ ଗତକାଲି ତାଙ୍କର ରହସ୍ୟଜନକ ମୃତ୍ୟୁ ଘଟିଛି। ୩ଜଣ ସିନିୟର ଛାତ୍ରୀଙ୍କ ପାଇଁ ଆତ୍ମହତ୍ୟା କରିଥିବା ସୁଇସାଇଡ ନୋଟରେ ଲେଖିଛନ୍ତି, ଯାହାକୁ ତାଙ୍କ ପକେଟରୁ ଜବତ କରିଛି। ଅଜା ବିଷ୍ଣୁଚରଣ ରାଉତ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏଡିସିପି ପ୍ରକାଶଚନ୍ଦ୍ର ପାଲ ମୃତ୍ୟୁପାଇଁ ଦାୟୀଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ବେଆଇନ୍ ଗୋ-ଚାଲାଣ, ଜଣେ ଗିରଫ୍, ଗାଡି ଜବତ୍।

ତିହିଡି,(ନି.ପ୍ର): ଭଦ୍ରକ ଜିଲ୍ଲା ପୀରହାଟ ପୋଲିସ ଏକ ବେଆଇନ୍ ଗୋରୁ ଚାଲାଣକୁ ଧରିବାରେ ସଫଳ ହୋଇଛି । ଗାଡିରେ ବୋହି ନେବାର କୌଣସି କାଗଜପତ୍ର ନଥିବାରୁ ଉକ୍ତ ଗାଡିକୁ ଜବତ୍ କରାଯାଇ ଥିବା ବେଳେ ଦୁଇଟି ଗୋରୁ ଉଦ୍ଧାର କରାଯାଇଛି । ଏଥିସହ ଏହି ବେଆଇନ୍ ଚାଲାଣରେ ସଂପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ୍ କରାଯାଇଛି । ଏନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସେକ୍ ରଙ୍ଗବାଦକୁ ରବିବାର କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ, ମତୋ ବଜାରରୁ ଦୁଇଟି ଗୋରୁ ଏକ ଗାଡି (ଓଡି-୨୨ଡି-୪୩୬୩)ରେ ଭଦ୍ରକ ଅଭିମୁଖେ ଯାଉଥିଲା ବେଳେ ପୀରହାଟ ମଝି ବଜାରରେ ପୋଲିସ ହାତରେ ଧରା ପଡିଥିଲା । ପରେ କାଗଜପତ୍ର ଯାଞ୍ଚ କରିବାରୁ ଗୋରୁ ଚାଲାଣ ସମ୍ପର୍କିତ କୌଣସି ସଠିକ୍ ନଥିବାରୁ ପୋଲିସ ଏପରି ପଦକ୍ଷେପ ନେଇଥିବା ଜଣାଯାଇଛି । ତେବେ ଉଦ୍ଧାର ହୋଇଥିବା ୨ଟି ଗୋରୁକୁ ୩ୟ ପକ୍ଷଙ୍କୁ ଜିମା ଦିଆ ଯାଇଥିବା ଥାନା ସୂତ୍ରରୁ ସୂଚନା ମିଳିଛି ।

### ଆରପାରିରେ କଂଗ୍ରେସ ନେତା

# ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ବ୍ରଜକିଶୋର ବିଶ୍ୱାଳଙ୍କ ପରଲୋକ, ବିଭିନ୍ନ ମହଲରେ ଶୋକ



**ନିଶ୍ଚିନ୍ତକୋଇଲି,(ନିପ୍ର):** ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ପ୍ରାକ୍ତନ ଅଧକ୍ଷ ତଥା ବରିଷ୍ଠ କଂଗ୍ରେସ ନେତା ବ୍ରଜକିଶୋର ବିଶ୍ୱାଳଙ୍କ ଚିକିତ୍ସାଧିନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା । ତାଙ୍କର ମୃତ୍ୟୁରେ ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ଶ୍ରୀ ବିଶ୍ୱାଳ ଗତ କିଛି ଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାରେ ଭର୍ତି ହୋଇଥିଲେ । ଆଜି ସନ୍ଧ୍ୟାରେ ତାଙ୍କର ପରଲୋକ ହୋଇଯାଇଛି । ସୂଚନା ଯୋଗ୍ୟ ଯେ ଶ୍ରୀ ବିଶ୍ୱାଳ ଗତ ୧୯୭୪ ମସିହାରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କୁ ହରାଇ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ଅଧକ୍ଷ ହୋଇଥିଲେ । ସେହିପରି ଭାବେ ଶ୍ରୀ ବିଶ୍ୱାଳ ୧୯୮୪ରୁ ୧୯୮୯ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ପଂଚାୟତ ସମିତିର ଦ୍ୱିତୀୟବାର ଅଧକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ । ସେ ରାଜ୍ୟ ଛାତ୍ର କଂଗ୍ରେସର ବରିଷ୍ଠ କାର୍ଯ୍ୟକର୍ତା ଓ କଟକ ଜିଲ୍ଲା କଂଗ୍ରେସର ସଭାପତି ରୂପେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟଭାର ତୁଲାଇଥିଲେ । ଶ୍ରୀ ବିଶ୍ୱାଳ ସ୍ଥାନୀୟ ଅଂଚଳରେ ଜଣେ ଆଇନଜୀବୀ ହିସାବରେ ବେଶ ସୁନାମ ଅର୍ଜନ କରିଥିଲେ । ଶ୍ରୀ ବିଶ୍ୱାଳ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଦୀକ୍ଷିତ ଥିଲେ । ସେ ଏକାଧାରରେ ଜଣେ ମିଷ୍ଟଭାଷୀ, ଆଧାତ୍ମିକ ବାଦୀ, ପରୋପକାରୀ ତଥା ଦକ୍ଷ ରାଜନେତା ଓ ଆଇନଜୀବୀ ଭାବେ ପରିଚିତ । ମୃତ୍ୟୁ ଖବର ପାଇ ବିଭିନ୍ନ ମହଲରେ ଶୋକ ଖେଳିଯାଇଛି । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ଅଧକ୍ଷା ରୋଜୀ ସେଠୀ, ଉପାଧକ୍ଷ ଅଶୋକ ଓଝା, ପ୍ରାକ୍ତନ ଅଧକ୍ଷ ଗିରିଶ ରଞ୍ଜନ ମହାପାତ୍ର, ପ୍ରାକ୍ତନ ରାଜ୍ୟ କଂଗ୍ରେସର ସମ୍ପାଦକ ପ୍ରଦିପ୍ତ କୁମାର ଦାସ, କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ଡ. ଗୋବିନ୍ଦ ଭୂୟାଁ, ଆଇନଜୀବୀ ଆକାଶ ଭୂୟାଁ, ନାରାୟଣ ଦ୍ୱିବେଦୀ, ଅକ୍ଷୟ କୁମାର ସାହୁ,ପୂର୍ବତନ ସରପଂଚ ପଦ୍ମାଳୟା ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା କଟକ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା, ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଂଚ ମିହିର କୁମାର ମିଶ୍ର, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ଗୀତାଞ୍ଜଳୀ ପଣ୍ଡା, ସମାଜସେବୀ ବ୍ରଜମୋହନ ପଣ୍ଡା ,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ,ସମାଜ ସେବୀ ପ୍ରମୋଦ କୁମାର ସାହୁ, ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଙ୍ଘର ସଭାପତି ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଗଭୀର ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ସ୍ୱର୍ଗତ ବିଶ୍ୱାଳଙ୍କ ଏକମାତ୍ର ପୁତ୍ର ଦେବାଶିଷ ବିଶ୍ୱାଳ ମୁଖାଗ୍ନି ଦେଇଥିଲେ ।

## ଢେଙ୍କିକୋଟ ବନକ୍ଷେତ୍ରରେ ଚାରା ରୋପଣର ଶୁଭାରମ୍ଭ




ପାଟଣା,(ନି.ପ୍ର): ଢେଙ୍କିକୋଟ ବନକ୍ଷେତ୍ର ପକ୍ଷରୁ ବନ ମହୋତ୍ସବ ଅବସରରେ ଆଜି କପାସପଡା ଗ୍ରାମ୍ୟ ଜଙ୍ଗଲରେ ଚାରା ରୋପଣର ଶୁଭାରମ୍ଭ ଢେଙ୍କିକୋଟ ସରପଞ୍ଚ ଖଇର ନାଏକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ବନପାଳ ରାମଚନ୍ଦ୍ର ନାୟକ, ବନରକ୍ଷୀ ଯୋଗେଶ୍ୱର ମାଝୀ, ବନ ସୁରକ୍ଷା ସମିତିର ସଭାପତି ଆଦିକନ୍ଦ ନାଏକ ଓ ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରକଳ୍ପର ରଣଜିତ ପଲେଇ ଓ କନ୍ଦର୍ପ ସେନ ମହାନ୍ତ ପ୍ରମୁଖ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ଥିଲେ। କପାସପଡା ଜଙ୍ଗଲରେ ପ୍ରଥମ ଦିନରେ ଶାଳ, ପଣସ, ଜାମୁ, ଅର୍ଜୁନ ଓ ଅନ୍ୟାନ୍ୟ ଚାରାରୁ ୨୫୦ଟି ଚାରା ରୋପଣ କରାଯାଇଥିଲା।

# ରଥଯାତ୍ରା ଅବସରରେ ମା' ରାଧାଦେବୀ ଦତ୍ତ ହୋମିଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଔଷଧ ଦାନ

**ମାହାଙ୍ଗା,(ନିପ୍ର):** ପବିତ୍ର ରଥଯାତ୍ରା ଅବସରରେ ଭଉଁରିଆ ପଂଚାୟତ ଅଧିନସ୍ଥ ରାମ୍‌କାପୁର ଠାରେ ଥିବା ମା' ରାଧାଦେବୀ ନ୍ୟାସ ପରିଚାଳିତ ଦାତବ୍ୟ ହୋମିଓ ଚିକିତ୍ସା କେନ୍ଦ୍ର ପାଇଁ କିମ୍‌ସ୍‌ ବିଶ୍ୱବିଦ୍ୟାଳୟର




ଜନସ୍ୱାସ୍ଥ୍ୟ ବିଭାଗର ସ୍ନାତ୍ତୋକତ୍ତର ଛାତ୍ରଛାତ୍ରୀ ଡାକ୍ତର ସ୍ମୃତିରେଖା ମହାନ୍ତି, ଡ. ସତ୍ୟଭାମା ସାହୁ, ଡ.ମଧୁସ୍ମିତା ଜେନା,ଡ. ଦେବାଶିଷ ମହାପାତ୍ର ଓ ସହଯୋଗୀ ପ୍ରଫେସର ଡ. ପ୍ରତାପ ଜେନାଙ୍କ ନେତୃତ୍ୱରେ ଆସି ବହୁମୂଲ୍ୟ ଔଷଧ ପ୍ରଦାନ କରିଛନ୍ତି । ସେହିପରି ଦେଓଗଡ ଜିଲ୍ଲାର ମୁଖ୍ୟଜିଲ୍ଲା ପ୍ରାଣୀଧନ ଚିକିତ୍ସା ଅଧିକାରୀ ଡ. ସତ୍ୟବ୍ରତ ରାଉତ ୧୦ହଜାର ଟଙ୍କାର ଔଷଧ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରିବା ସହ ନ୍ୟାସର ଯୋଗକେନ୍ଦ୍ରରେ ରୋଗୀମାନଙ୍କୁ ମାନସୀକ ସନ୍ତୁଳନ ପାଇଁ ଯୋଗଶିକ୍ଷା ଦାନ କରିଥିଲେ । ନ୍ୟାସ ପରିଚାଳନା ମଣ୍ଡଳୀ ପକ୍ଷରୁ ପ୍ରତିଷ୍ଠାତା ସମାଜସେବୀ ପ୍ରଫେସର ଦେବୀ ପ୍ରସାଦ ଦାସ , ଓମ୍ ଭାଇ, ଶୁଭାନନ୍ଦ ମହାପାତ୍ର, ଆଇନଜିବୀ ସତ୍ୟନାରାୟଣ ଦାସ,ଭାରତଭୂଷଣ ପଟ୍ଟନାୟକ, ସାମ୍ବାଦିକ ଉମାକାନ୍ତ ଜେନା,ଡ. ରବିନ୍ଦ୍ର କୁମାର କର,ଦେବାଶିଷ କର, ଅପରୂପା ମହାପାତ୍ର,ଡଃ ମହେନ୍ଦ୍ର ମହାନ୍ତି,ଡଃ ବିବେକାନନ୍ଦ ସିଂ, ଅଧ୍ୟାପକ ପ୍ରଦିପ ମହାନ୍ତି ପ୍ରମୁଖ ଏହି ବଦାନ୍ୟତା ପାଇଁ ଯୁବ ଚିକିତ୍ସକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ବିଗତ ୨ବର୍ଷ ତଳୁ ଏହି ନିଃଶୁଳ୍କ ହୋମିଓପାଥିକ ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ରରେ ମାଗଣାରେ ରୋଗୀଚିକିତ୍ସା, ଫିଜିଓଥୋରାପି ଓ ଯୋଗ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଯାହା ସ୍ଥାନୀୟ ଅଂଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣଭୂମିକା ଗ୍ରହଣ କରିଛି।

# ଉତ୍କଳମଣିଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଯୁବସମାଜ ଅନୁପ୍ରାଣିତ ହେବାକୁ ଆହ୍ୱାନ



**ମାହାଙ୍ଗା,(ନିପ୍ର):** ମାହାଙ୍ଗାବ୍ଲକର ଭଦ୍ରେଶ୍ୱର ପଂଚାୟତର ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ଶୈବପୀଠ ସମ୍ମୁଖରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆମ ମାହାଙ୍ଗା ପରିବାର ତରଫରୁ ସେବା ଓ ସେବକ ସପ୍ତାହ ପାଳନ କରାଯାଇଛି। ପାଳନ ଅବସରରେ ସଫେଇ, ବୃକ୍ଷରୋପଣ ଓ ଗୋପବନ୍ଧୁଙ୍କ ଆତ୍ମଜୀବନୀ ଉପରେ ଅତିଥିମାନେ ଆଲୋପାତ କରିଥିଲେ। ଉତ୍କଳମଣୀ ଗୋପବନ୍ଧୁ ଦାସ ୯୪ତମ ଶ୍ରଦ୍ଧବାର୍ଷିକ ଅବସରରେ ଆମ ମାହାଙ୍ଗାର ସଂପାଦକ ପ୍ରମୋଦ କୁମାର ଦାସ , ସଂଯୋଜକ ବିଜୟ କୁଅଁର, ସ୍ଥାନୀୟ ସରପଂଚ କମଳାକାନ୍ତ ରାଉତ, ରବିନ୍ଦ୍ର କୁମାର ପଟ୍ଟନାୟକ, ଭରତ ଚନ୍ଦ୍ର ପ୍ରଧାନ ମଧୁସ୍ମିତା ନାୟକ, ପ୍ରକାଶ ଚନ୍ଦ୍ର ପ୍ରଧାନ, ମୁନାମଞ୍ଜରୀ ପ୍ରଧାନ, ରିତାମଣି ସେଠୀ,ରୀନାରାଣି ପ୍ରଧାନ,ତରଙ୍ଗିନୀ ପ୍ରଧାନ,ରଶ୍ମିତା ଦାସ,ସଂନ୍ଦିପ୍ ନାୟକ , ରତିକାନ୍ତ ଦାସ,ସ୍ୱାତିସ୍ୱାଗତ ସତପଥୀ, ଅଜୟ କୁମାର ମଲିକ,ବିଶ୍ୱଜିତ୍ ଭୂୟାଁ,ବିଶଜିତ୍ ଜେନା, ବିଶ୍ୱଜିତ୍ ସାହୁ, ସତ୍ୟଜିତ୍ ଭୂୟାଁ, ପ୍ରସନ୍ନ କୁମାର ଶତପଥୀ,ମଧୁସୂଦନ ନାୟକ,କାମାକ୍ଷା ପ୍ରସାଦ ନାୟକ,ରତିକାନ୍ତ ଦାସ, ମାନସ ରାଉତ ପ୍ରମୁଖ ଯୋଗଦେଇ ସେବା ଓ ସେବକ ସପ୍ତାହ ପାଳନ ଅବସରରେ ବୃକ୍ଷରୋପଣ କରିଥିଲେ। ଆମ ମାହାଙ୍ଗାର ଅଧ୍ୟକ୍ଷ ଡଃ ଅମରେନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍କଳମଣି ଗୋପବନ୍ଧୁ ଆଦର୍ଶରେ ଯୁବସମାଜ ଅନୁପ୍ରାଣୀତ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆମ ମାହାଙ୍ଗାର ସମସ୍ତ ସଭ୍ୟ/ସଭ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ।

## ଓଡ଼ିଶା ପୋଲିସ ପାଇଁ SI ଚୟନ କରିବ ଏକ ଘରୋଇ ସଂସ୍ଥା, ବିଭିନ୍ନ ମହଲରୁ ଉଠିଲାଣି ବିରୋଧର ସ୍ୱର



ଭୁବନେଶ୍ୱର,(ନି.ପ୍ର): ଓଡ଼ିଶା ପୋଲିସର ଭାଗ୍ୟ ଏବେ ଘରୋଇ ସଂସ୍ଥା ହାତରେ । ପୋଲିସ ବାହିନୀ ପାଇଁ ସବ୍ ଇନ୍ସପେକ୍ଟର (ଏସଆଇ) ଚୟନ କରିବ ଏକ ଆଉଟସୋର୍ସିଂ ସଂସ୍ଥା । ଏହି ସଂସ୍ଥା ଏସଆଇ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ପ୍ରସ୍ତୁତି, ପରୀକ୍ଷା କେନ୍ଦ୍ର ଚୟନ, ପରୀକ୍ଷା ବ୍ୟବସ୍ଥା ପରିଚାଳନା କରୁଛି । ତେବେ ଏହାଫଳରେ ମିଳିତ ପୋଲିସ ସେବା ପରୀକ୍ଷା (ସିପିଏସଇ-୨୦୧୮)ର ସ୍ୱଚ୍ଛତାକୁ ନେଇ ଉଠିଛି ପ୍ରଶ୍ନ ।ଏସଆଇ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ପ୍ରାର୍ଥୀ ଚୟନ ଘରୋଇ ସଂସ୍ଥା ହାତକୁ ଚାଲିଯାଇ ଥିବାରୁ ଏହାକୁ ନେଇ ବିରୋଧ କରାଯାଇଛି । ୨୦୧୮ର ସିପିଏସଇ ପରୀକ୍ଷା ୨୦୨୨ରେ କରାଯାଉଥିବାରୁ ବହୁ ଆଶାୟୀ ଏହି ପରୀକ୍ଷାରେ ଅନୁପସ୍ଥିତ ରହିଥିବା କୁହାଯାଉଛି । ନବଗଠିତ ଓଡ଼ିଶା ପୋଲିସ ରିକ୍ରୁଟମେଣ୍ଟ ବୋର୍ଡ ଏହି ପରୀକ୍ଷା କାହିଁକି ପରିଚାଳନା କରୁନାହିଁ ବୋଲି ଏବେ ପ୍ରଶ୍ନ ଉଠିଲାଣି ।ଜଣାପଡ଼ିଛି ଯେ, ସିପିଏସଇ-୨୦୧୮ ପରୀକ୍ଷା ପାଇଁ ରାଜ୍ୟର ୨୯ ହଜାର ୬୪୪ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ୩୪ଟି କେନ୍ଦ୍ରରେ ବ୍ୟବସ୍ଥା ହୋଇଛି । ଭୁବନେଶ୍ୱରରେ ୧୧ଟି ଓ କଟକରେ ୬ଟି କେନ୍ଦ୍ର ସ୍ଥାପନ କରାଯାଇଛି । ସେହିପରି ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ୩ଟି ଲେଖାଏଁ କେନ୍ଦ୍ର କରାଯାଇଛି । ତେବେ ଆବଶ୍ୟକ ଭିତ୍ତିଭୂମି ଓ ଅଭିଜ୍ଞତାର ଅଭାବ ଯୋଗୁଁ ଏହି କମ୍ପ୍ୟୁଟର ବେସଡ୍ ପରୀକ୍ଷା ଘରୋଇ ସଂସ୍ଥାକୁ ଦିଆଯାଇଥିବା କୁହାଯାଉଛି ।

# ଭାବର କଳାତ୍ମକ ପରିପ୍ରକାଶ ହିଁ ସାହିତ୍ୟ : ଯୁବପିଢ଼ୀ ଅଧିକରୁ ଅଧିକ ସାହିତ୍ୟ ରଚନା ଉପରେ ଗୁରୁତ୍ୱ



**ମାହାଙ୍ଗା,(ନିପ୍ର):** ଗତକାଲି ଲଳିତଗିରି ପଂଚାୟତର ପୁରୁଷୋତ୍ତମପୁର ସ୍ଥିତ ଶ୍ରୀଶ୍ରୀ ଗୋବିନ୍ଦଜୀଉ ମଠ ପରିସରରେ ସତ୍ୟାନନ୍ଦ ଦାଶଙ୍କ ବିରଚିତ କବିତା ସଂକଳନ ପୁସ୍ତକ ପ୍ରତିବିମ୍ବ ଏକ ଆହତ ମନର ଉନ୍ମୋଚନ ଓ ଲୋକାର୍ପଣ ଉତ୍ସବ କବି ଭକ୍ତଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍‌ଘାଟକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ ଭାବର କଳାତ୍ମକ ପରିପ୍ରକାଶ ହିଁ ସାହିତ୍ୟ ବୋଲି ମତ ଦେବା ସହିତ ଆଜିର ସମାଜରେ ଅଶ୍ଳୀଳ ସାହିତ୍ୟର କୁପ୍ରଭାବ ପଡୁଥିଲା ବେଳେ ସାହିତ୍ୟପ୍ରତି ଯୁବପିଢ଼ୀର ଆଗ୍ରହ ସୃଷ୍ଟି ହେଉନଥିବା ଯୋଗୁ ଓଡ଼ିଆ ସାହିତ୍ୟ ଧିରେ ଧିରେ ପାଠକୀୟ ଆଦୃତି ଲାଭ କରିପାରୁନାହିଁ ବୋଲି ମତ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ ଯୋଗଦେଇ ଆଜିର ସାହିତ୍ୟ ସଂପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମାଜରେ ସ୍ୱାର୍ଥ ଯେତିକି, ସଂପର୍କ ସେତିକି,ଭଲପାଇବାଟା ସେତିକି, ଯାହା ପ୍ରଭାବ ଭାଷା ସାହିତ୍ୟ ଉପରେ ପଡୁଛି ବୋଲି ମତ ଦେଇଥିଲେ। ମୁଖ୍ୟ ବକ୍ତାଭାବେ କବି ବିଶେଶ୍ୱର ମହାନ୍ତି, ସମ୍ମାନୀତ ଅତିଥି ଭାବେ ନାଟ୍ୟକାର ଭବଗ୍ରାହୀ ଦାସ, ଡଃ ଏକାଦଶୀ ପ୍ରଧାନ, ଶ୍ରୀଧର ଭୋଳ ଓ ଭାସ୍କର ଚନ୍ଦ୍ର ସାହୁ ଯୋଗଦେଇଥିଲା ବେଳେ ଗୌତମ ଚରଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାରମ୍ଭରେ ସତ୍ୟାନନ୍ଦ ଦାଶ ବେଦପାଠ କରିଥିଲା ବେଳେ ବେତାର କଣ୍ଠଶିଳ୍ପୀ ଅଜୟ ଜେନା ଓ ମଧୁସ୍ମିତା ଦାଶ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ। କବିତା ପୁସ୍ତକର ସମୀକ୍ଷା ଡଃ. ଅଭୟା ରାଉତ ସୁନ୍ଦର ଭାବରେ ଉପସ୍ଥାପିତ କରିଥିଲେ।ଏହି ଅବସରରେ ଅତିଥିମାନେ କବି ସତ୍ୟାନନ୍ଦ ଦାଶଙ୍କ ସ୍ୱରଚିତ କବିତା ସଂକଳନ 'ପ୍ରତିବିମ୍ବ ଏକ ଆହତ ମନର'କୁ ଲୋକର୍ପଣ କରିଥିଲେ। ଏହି ଉପଲକ୍ଷେ ଏକ କବିତା ପାଠ ଉତ୍ସବରେ କବି ସର୍ବଶ୍ରୀ ନରେନ୍ଦ୍ର ପରିଡା, ରାମଚନ୍ଦ୍ର ସାହୁ, ଲବଙ୍ଗଲତା ରାଉତ,ପଣ୍ଡିତ ନାରାୟଣ ଶତପଥୀ, ରାମଚନ୍ଦ୍ର ଶତପଥୀ, ପ୍ରଫୁଲ କୁମାର ସାହୁ, ନିରଂଜନ ମଲିକ, ବିଜୟ କୁଅଁର ଓ ରାଜକିଶୋର ମିଶ୍ର ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଇଂ. କ୍ରୀଷ୍ଣା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ,ଯାଜପୁର ଓ କେନ୍ଦ୍ରାପଡା ଅଂଚଳର ବହୁ ଲେଖକ ଓ କବି ଯୋଗ ଦେଇଥିଲେ।

# ବଜ୍ରମହାକାଳୀଙ୍କ ପୀଠରେ ବୃକ୍ଷରୋପଣ ଅନୁଷ୍ଠିତ



**ମାହାଙ୍ଗା,(ନିପ୍ର):** ମାହାଙ୍ଗାବ୍ଲକର ଭଦ୍ରେଶ୍ୱର ପଂଚାୟତସ୍ଥିତ ଝାଡେଶ୍ୱରପୁର ଗ୍ରାମର ବ୍ରଜମହାକାଳୀ ଗ୍ରାମଦେବତୀ ପୀଠରେ ପବିତ୍ର ଶ୍ରୀଗୁଣ୍ଡିଚା ଓ ରଥଯାତ୍ରା ଅବସରରେ ସ୍ଥାନୀୟ ଅଂଚଳର ଯୁବକମାନଙ୍କ ଉଦ୍ୟମରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜୟନ୍ତ କୁମାର ଦାସ, ତାରକ କୁମାର ଦାସ, ଭ୍ରମରବର ମହାନ୍ତି, ଦେବେନ୍ଦ୍ର କର, ମାଗୁଣି ଦାସ, ଚୌ. ବିଶ୍ୱରଂଜନ ପ୍ରହରାଜ, ଚୌ.ବାଦଲ ପ୍ରହରାଜ, ଚୌ.ଉମାକାନ୍ତ ପ୍ରହରାଜ, ଚୌ. ଚିରଂଜୀବି ପ୍ରହରାଜ, ମାନସ ମହାନ୍ତି, ମାନସ ଦାସ, ସୁବାଷ ଭୋଇ, ବାନାମ୍ବର ଦାସ, ନରହରି ଭୋଇ ପ୍ରମୁଖ ଯୋଗଦେଇ ଆକାଶି, ଦେବଦାରୁ, ନଡିଆ, ଗୁଆ, ବଉଳ, ଆମ୍ବ ପ୍ରଭୃତି ଚାରାଗଛ ରୋପଣ କରିଥିଲେ। ଆଗାମୀ ଦିନରେ ଯୁବକମାନଙ୍କ ତରଫରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିବାକୁ ସ୍ଥିର କରାଯାଇଥିଲା।

# ରଫାଦଫା ରେ ଚାଲିଛି ମାହାଙ୍ଗା ଥାନା

ମାହାଙ୍ଗା (ନି.ପ୍ର):ଗତକାଲି ମାହାଙ୍ଗା ଥାନା ଅନ୍ତର୍ଗତ ଏରକଣା ସ୍ଥିତ ପୁଷ୍ପଗିରି ମହାବିଦ୍ୟାଳୟ ରେ ସ୍ଥାନୀୟ ଅଞ୍ଚଳର କରଣ ଗୋଛାୟତ ନାମକ ଜୈନିକ ଯୁବକ +୩ ରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଥିଲା। ଖବର ପାଇ ମାହାଙ୍ଗା ପୁଲିସ୍ ଉକ୍ତ ଯୁବକ ଜଣକୁ ଅଟକ ରଖିଥିଲେ। ଯୁବକକୁ ଅଟକ ରଖି ଅଧିକ ତଦନ୍ତ ଚଳାଇଥିବା କଥା ମାହାଙ୍ଗା ଥାନା ପୁଲିସ୍ ସୂଚନା ଦେଇଥିଲେ।ପରନ୍ତୁ ବିଡମ୍ବନା ର ବିଷୟ ୨୪ ଘଣ୍ଟା ପରେ ମାହାଙ୍ଗା ପୁଲିସ୍ କେସ ର ରଫାଦଫା କରି ଉକ୍ତ ଯୁବକକୁ ଛାଡ଼ି ଦେଇଥିବା କଥା ଜଣାପଡିଛି। ତେବେ ସାରା ଓଡ଼ିଶାରେ ନାରୀ ମାନେ ଆକ୍ରୋଶ ର ଶିକାର ହେଉଥିବା ବେଳେ ମାହାଙ୍ଗା ଥାନା ପୁଲିସ୍ ଏଭଳି କେଶ ର ରଫାଦଫା କରିବା କୁ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯାଇଛି।

### ଯୋଗାଣ ଠିକାଦାର ବିଭାଗୀୟ ଅଧିକାରୀଙ୍କ ଅସାଧୁ ମେଂଟ

# ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା, ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଠପ୍

**ନିଶ୍ଚିନ୍ତକୋଇଲି,(ନିପ୍ର):** ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଯୋଗାଣ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଅସାଧୁ ମେଂଟ ଯୋଗୁ ସମଗ୍ର ବ୍ଲକର ୪୧ଟି ଗ୍ରାମପଂଚାୟତ ଅଂଚଳରେ ଥିବା ବିଭିନ୍ନ ପ୍ରାଥମିକ, ଉଚ୍ଚପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଛି। ମଧ୍ୟାହ୍ନଭୋଜନ ଚାଉଳ ଯୋଗାଣରେ ଅନିୟମିତତା ହେତୁ ବହୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଏକ ରକମ ଠପ ହୋଇଯାଇଥିବାର ଅଭିଯୋଗ ହୋଇଛି। ଫଳରେ ବହୁ ଗରିବ ଶ୍ରେଣୀୟ ଛାତ୍ର ଛାତ୍ରୀ ମଧ୍ୟାହ୍ନଭୋଜନ ଖାଇବାକୁ ନପାଇ ଭୋକ ଉପାସରେ ନିରାଶରେ ଘରକୁ ଫେରୁଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ଟି ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ଗ୍ରାମପଞ୍ଚାୟତକୁ ନେଇ ନିଶ୍ଚିନ୍ତକୋଇଲି ବ୍ଲକ ଗଠିତ। ଏହି ବ୍ଲକର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିଶ୍ଚିନ୍ତକୋଇଲି ଠାରେ କାର୍ଯ୍ୟ କରୁଛି। ଏହି ବ୍ଲକ ଶିକ୍ଷାଧିକାରୀଙ୍କ ଅଧିନରେ ୧୨୬ଟି ପ୍ରାଥମିକ ବିଦ୍ୟାଳୟ, ୬୧ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ୪୬ଟି ଉଚ୍ଚ ବିଦ୍ୟାଳୟ ରହିଛି। ଏହି ୨୩୩ଟି ବିଦ୍ୟାଳୟର ୧୫ହଜାର ୯୫୨ ଜଣ ଛାତ୍ର ଛାତ୍ରୀ ମଧ୍ୟାହ୍ନ ଭୋଜନ ଦ୍ୱାରା ଉପକୃତ ହେଉଥିବାର ପ୍ରଶାସନ ସୂତ୍ରରୁ ପ୍ରକାଶ। ତେବେ ନିଶ୍ଚିନ୍ତକୋଇଲି ବ୍ଲକ ଅଂଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ଗୁଡିକୁ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଇଦେବା ନିମନ୍ତେ କେନ୍ଦ୍ରାପଡା ଜିଲ୍ଲାର ଏକ ସଂସ୍ଥା ଯୋଗାଣ ଦାୟୀତ୍ୱ ନେଇଛି। ତେବେ ଏହି ସଂସ୍ଥା ମନମୁଖି ଭାବେ ଚାଉଳ ଯୋଗାଣ କରୁଥିବାର ଅଭିଯୋଗ ହୋଇଛି। ଏହି ସଂସ୍ଥା ସରକାରଙ୍କ ନିୟମାନୁଯାଇ ପ୍ରତି ୩ ମାସରେ ଥରେ ପ୍ରତ୍ୟେକ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଇ ଦେବା କଥା । କିନ୍ତୁ ସମ୍ପୃକ୍ତ ସଂସ୍ଥା ନିୟମିତ ଭାବେ ଏହି ଚାଉଳ ଯୋଗାଇ ଦେଉନଥିବାର କେତେକ ଶିକ୍ଷକ ଶିକ୍ଷୟିତ୍ରୀ ସେମାନଙ୍କ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏପରିକି ଏହି ସଂସ୍ଥା ଯୋଗାଇ ଦେଉଥିବା ୫୦ କିଗ୍ରା ଚାଉଳ ପ୍ୟାକେଟରେ ୪୦ରୁ ୪୨ କେଜି ଚାଉଳ ରହୁଥିବାର ଅଭିଯୋଗ ହୋଇଛି। ଏହି ସଂସ୍ଥା ଚାଉଳ ଓଜନ ମାପରେ ବ୍ୟାପକ ଠକେଇ କରୁଥିବାର ଅଭିଯୋଗ ହୋଇଛି। ଶିକ୍ଷକ ଶିକ୍ଷକୟିତ୍ରୀମାନେ ଏହାର ପ୍ରତିବାଦ କଲେ ସମ୍ପୃକ୍ତ ସଂସ୍ଥା ତରଫରୁ ସେମାନଙ୍କୁ ନାଲିଆଖି ଦେଖାଇ ଭୟଭୀତ କରାଯାଉଛି। ଏପରିକି ସେମାନଙ୍କ ବିରୁଦ୍ଧରେ ସ୍ୱର ଉତୋଳନ କଲେ ପରିସ୍ଥିତି ଭୟାବହହେବ ଓ ସେମାନଙ୍କୁ ଦୂର ସ୍ଥାନକୁ ବଦଳୀ କରିଦିଆଯିବ ବୋଲି ଧମକ ଦିଆଯାଉଥିବାର ଅଭିଯୋଗ ହୋଇଛି। ଏପରିକି ଏହି ସଂସ୍ଥା ସ୍ଥାନୀୟ ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରତିମାସରେ ମାସିକ ବଟି ଦିଆଯାଉଥିବାରୁ ତାଙ୍କର କେହି କିଛି କରିପାରିବେ ନାହିଁ ବୋଲି କହି ବୁଲୁଛନ୍ତି। ଏପରିକି ସମ୍ପୃକ୍ତ ଯୋଗାଣ ଠିକାଦାର ନିୟମିତ ମଧ୍ୟାହ୍ନ ଭୋଜନ ଚାଉଳ ଉଠାଇଥିଲେ ମଧ୍ୟ ଠିକ ଭାବେ ବିଦ୍ୟାଳୟକୁ ଚାଉଳ ଯୋଗାଇନଥିବା ବହୁ ଶିକ୍ଷକ ସେମାନଙ୍କ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି। ଫଳରେ ମଧ୍ୟାହ୍ନ ଭୋଜନ ଚାଉଳ ଅଭାବ ହେତୁ ବହୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଏକ ରକମ ଠପ ହୋଇଯାଉଥିବାର ଜଣାଯାଇଛି। ସେହିପରି ଭାବେ ପ୍ରତି ବସ୍ତାରେ ୮ରୁ ୧୦କେଜି ପର୍ଯ୍ୟନ୍ତ ଚାଉଳ କମ ରହୁଥିବା କାରଣରୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। କାଉ ଖାଇଲା ପଣସ ବଗ ମୁଣ୍ଡରେ ଅଠା ନ୍ୟାୟରେ ନିରୀହ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଭିନ୍ନ ସମୟରେ ମଧ୍ୟାହ୍ନ ଭୋଜନ ଚାଉଳକୁ ନେଇ ଆକ୍ରୋଶର ଶୀକାର ହେଉଥିବାର ନଜିର ରହିଛି। ତେବେ ଏହି ଯୋଗାଣ ସଂସ୍ଥା ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ବ୍ୟାପକ ଅନିୟମିତତା କରୁଥିଲେ ମଧ୍ୟ ପ୍ରଶାସନ ତରଫରୁ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପରିବର୍ତ୍ତେ ପ୍ରଶାସନିକ ସ୍ତରରେ ରାଜନୈତିକ ଚାପ ଯୋଗୁ ସୁରକ୍ଷା ପ୍ରଦାନ କରାଯାଉଥିବାର ଅଭିଯୋଗ ହୋଇଛି। ଏଠାରେ ସୂଚନା ଯୋଗ୍ୟ ଯେ ଦୀର୍ଘ ଦୁଇମାସ ହେଲା ବନ୍ଧୁପୁର ରଘୁନାଥ ଜାୟୁ ସରକାରୀ ନୋଡାଲ ବିଦ୍ୟାଳୟ ସମେତ ବହୁ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏକରକମ ଚାଉଳ ଅଭାବରୁ ଠପ ହୋଇଯାଇଥିବାର ଅଭିଯୋଗ ହୋଇଛି। ସେହିପରି ଭାବେଏହି ବ୍ଲକ ଅଂଚଳରେ ୨୨ ଜଣ ସିଆରସିସି ରହିଛନ୍ତି। ପ୍ରତିଦିନ ୧୧ଟା ଭିତରେ ଏହି ସିଆରସିସିମାନେ କେଉଁ ବିଦ୍ୟାଳୟରେ କେତେ ଛାତ୍ର ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇବା ନିମନ୍ତେ ଉପସ୍ଥିତ ରହିଛନ୍ତି ତାର ରିପୋର୍ଟ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବା କଥା। ଅପରପକ୍ଷରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ନିମନ୍ତେ କାର୍ଯ୍ୟକରୁଥିବା ଆପ ଗତ କିଛି ଦିନ ହେଲା ଅଚଳ ହୋଇ ଯାଇଥିବା କାରଣରୁ ମଧ୍ୟାହ୍ନ ଭୋଜନ ରିପୋର୍ଟ ଠିକ୍ ଭାବେ ଯାଇପାରୁନାହିଁ। ଏହାର ସୁଯୋଗ ନେଇ ବହୁ ସ୍ଥାନରେ ପ୍ରଧାନ ଶିକ୍ଷକ ମାନେ ମିଥ୍ୟା ତଥ୍ୟ ଦେଇ ବେଶ ହାତ ଚିକ୍କଣ କରୁଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟ ଲୋକ ଲୋଚନକୁ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅପରପକ୍ଷରେ ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ବିଭାଗୀୟ ଅଧିକାରୀ ତଥା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଲକ୍ଷ୍ମଣ କୁମାର ଲେଙ୍କାଙ୍କୁ ପଚାରିବାରୁ ସମ୍ପୃକ୍ତ ସଂସ୍ଥା କେତେକ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଚାଉଳ ବଂଟନ କରିନଥିବାର ଅଭିଯୋଗକୁ ସ୍ୱୀକାର କରିଥିଲେ। ଅପରପକ୍ଷରେ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନ ଭୋଜନ ବନ୍ଦ ହୋଇଯାଇଥିବା କାରଣରୁ ବହୁ ଗରିବ ଶ୍ରେଣୀୟ ଛାତ୍ର ଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇବାକୁ ନପାଇ ଭୋକ ଉପାସରେ ନିରାଶରେ ଘରକୁ ଫେରୁଥିବାର ଅଭିଯୋଗ ହୋଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ଓ ଗଣ ଶିକ୍ଷା ସଚିବ ଏହାର ତଦନ୍ତ କରି ସମ୍ପୃକ୍ତ ଠିକା ସଂସ୍ଥା ଏବଂ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦାବି ହୋଇଛି।

# ୟୁନାଇଟେଡ୍ କ୍ଲବ ଓ ଲାଇବ୍ରେରୀର ସୁବର୍ଣ୍ଣ ଜୟନ୍ତୀ ପାଳିତ



**ମାହାଙ୍ଗା,(ନିପ୍ର):** ପୂର୍ବ ମାହାଙ୍ଗା ସ୍ଥିତ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତର ସାହାନିଆଜପୁର ଓ ବେଲରପା ଗ୍ରାମର ମିଳନ ସ୍ଥଳରେ ପ୍ରତିଷ୍ଠିତ ୟୁନାଇଟେଡ୍ କ୍ଲବ ଓ ପାଠାଗାରର ୫୦ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଅନନ୍ତ ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷାବିତ୍ କୁଳମଣି ଖଟୁଆଙ୍କ ସଭାପତିତ୍ୱ କରିଥିଲେ। ପବିତ୍ର ରଥଯାତ୍ରା ଅବସରରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଓ ଚତୁର୍ଦ୍ଧା ମୂର୍ତ୍ତୀର ମନ୍ଦିର ବିଜେ ହେବା ସହ ଓଡ଼ିଶାର ହାସ୍ୟ ଅଭିନେତା ପ୍ରଜ୍ଞାରଂଜନ ଖଟୁଆଙ୍କ ଆବାହାକତ୍ୱରେ ଏକ ସାରସ୍ୱତ ଉତ୍ସବ ସଂପନ୍ନ ହୋଇଯାଇଛି। ଉତ୍କଳ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଚୌ.ଜୟପ୍ରକାଶ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳା ଓ ସାହିତ୍ୟ ଆମ ରାଜ୍ୟର ଅସ୍ମିତା ଏହାକୁ ପ୍ରସାରିତ କରିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ନବୀନ ଚନ୍ଦ୍ର ପରିଡା ଉଦ୍‌ଘାଟକ ଭାବେ ଯୋଗଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଭକ୍ତଚରଣ ସାହୁ ,ସମ୍ମାନୀତ ଅତିଥି ଭାବେ ଡଃ.ଏକାଦଶୀ ପ୍ରଧାନ,କବି ତଥା ସମାଜସେବୀ ଗୌତମ ଚରଣ ଜେନା ଯୋଗଦେଇ ଜଗତର ନାଥ ଜଗନ୍ନାଥ ଓ ପ୍ରଜ୍ଞାରଂଜନ ଖଟୁଆଙ୍କ କଳାକୃତି ସଂପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଂପାଦକ ବିବରଣୀ ପାଠ କରିଥିଲା ବେଳେବେତାର କଣ୍ଠଶିଳ୍ପୀ ଅଜୟ ଜେନା ଭଜନ ପରିବେଷଣ କରିଥିଲେ। ପ୍ରଜ୍ଞାରଂଜନ ଖଟୁଆଙ୍କ ସ୍ୱରଚିତ ଶ୍ରୀକ୍ଷେତ୍ରରୁ ଶ୍ୱକ୍ଷେତ୍ର ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଡଃ. ଅଭୟ ରାଉତ ଏହାକୁ ସମୀକ୍ଷା କରିଥିଲା ବେଳେ ଚୌ. ନିରୋଧ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ବରିଷ୍ଠ ସଦସ୍ୟଙ୍କୁ ନେଇ ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇଥିଲା। ଶେଷରେ ବିଜୟ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ସଂଗୀତ ବିଦ୍ୟାଳୟର କଳାକାର ମାନେ କାଂଚି ଅଭିଯାନ ନାଟକ ମଞ୍ଚସ୍ଥ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ବହୁ ଯୁବକ,ମହିଳା ଓ ପିଲାମାନେ ଉପସ୍ଥିତ ରହିଥିଲେ।

PRAVABA NEWS
ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍ ପ୍ରତିନିଧି
ଆବଶ୍ୟକ।ଯୋଗାଯୋଗ :
୭୩୮୧୯୧୩୮୧୨

#_କବିତା_ଶୀର୍ଷକ_ଲାବଣ୍ୟବତୀ
#_ଗୌତମ_କୁମାର_ସେଠୀ_
xxxxxxxxxxxxxxxxxxxxxx



ନଳିନୀ ପାଖୁଡ଼ା ଅଧର ତୁମର
ତନୁବି ଅଟେ ନଳିନୀ
ନଳିନୀଙ୍କ ମେଳେ ନଳିନୀଟେ ତୁମେ
ବିଲୋକି ନେତ୍ର ଫେରୁନି #॥1॥


ନଳିନୀଙ୍କ ସଙ୍ଗେ ଆଳାପ କରୁଛ
ନଳିନୀ ପାବଚ୍ଛେ ବସି
ନଳିନୀ ଗର୍ଭରୁ ନଳିନୀ ତୋଳୁଛ
ନଳିନୀଙ୍କ ସଙ୍ଗେ ମିଶି #॥2॥

ବିଲୋକି ନୟନ ଲେଉଟି ଆସୁନି
ତୁମ ପରି ରତ୍ନ ଦେଖି
ଆନ୍ଦୋଳିତ ମନ ପ୍ରେମରେ ପଡୁଛି
ଶ୍ରୀ ହରିଙ୍କୁ ସାକ୍ଷୀ ରଖି #॥3॥

ଯଉତୁକ ଚାହେଁ ଖାଲି ତୁମ ମନ
କିଛି ଆଉ ଲୋଡ଼ା ନାହିଁ
ଗୋଧୂଳି ଲଗନେ ମଙ୍ଗନ ହୋଇବ
ଶୁଭ ମୁହୂର୍ତ୍ତକ ସେହି #॥4॥

ଆଞ୍ଜୁଳି ଚାଉଳ ଧରି ନଇଁ ଆସ
ସୁନ୍ଦରୀ ସୌଭାଗ୍ୟବତୀ
ଲକ୍ଷ୍ମୀ ପଯ଼ ଥାପି ଗୃହକୁ ପ୍ରବେଶ
ଲାଜେଇ ଲାବଣ୍ୟବତୀ #॥5॥

ଗୌତମ କୁମାର ସେଠୀ
ଓରତ, ମହାକାଳପଡ଼ା, କେନ୍ଦ୍ରାପଡ଼ା
6372086577



# ଅଶ୍ରୁଳଶ୍ରଦ୍ଧାଞ୍ଜଳି
# ✓° ବ୍ରଜ କିଶୋର ବିଶ୍ୱାଳ
# ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ, ନିଶ୍ଚିନ୍ତକୋଇଲି



# ଶିକ୍ଷାବିତ୍ ଧୀରେନ୍ଦ୍ର କୁମାର ଜେନାଙ୍କ ପରଲୋକ

ସାଲେପୁର,(ନି.ପ୍ର): ସାଲେପୁର ଅଂଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ଧର୍ମପରାୟଣ ବ୍ୟକ୍ତି ଧୀରେନ୍ଦ୍ର କୁମାର ଜେନା(୮୮)ଙ୍କ ପରଲୋକ ହୋଇଯାଇଛି।ସେ କିଛି ଦିନ ହେବ ବାର୍ଦ୍ଧକ୍ୟ କାରଣରୁ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ।ହେଲେ ଆଜି ସକାଳ ପ୍ରାୟ ୯ ଟା ୪୫ ରେ ତାଙ୍କର ଚନ୍ଦ୍ରାଦେଇପୁର ଗ୍ରାମସ୍ଥିତ ବାସଭାନରେ ମୃତ୍ୟୁ ଘଟିଥିଲା।ମୃତ୍ୟୁ ଶଯ୍ୟା ନିକଟରେ ଭାଇ ମିହିର ଜେନା, ପୁଅ ବଦ୍ରି ନାରାୟଣ ଜେନା,ବୋହୁ ମିଲି ଜେନା,ଝିଅ ସୁଭଦ୍ରା ପରିଜା,ସୁଜାତା ଭୂୟାଁ,ସୁଦତ୍ତା ଜେନା,ଜ୍ୱାଇଁ ଆର ଡବ୍ଲ୍ୟୁ ଏସ ଏସ ବିଭାଗର ଅବସରପ୍ରାପ୍ତ ସୁପରିଟେଡେଣ୍ଟ ଇଞ୍ଜିନିୟର ଅମୀୟ କୁମାର ପରିଜା,ବ୍ୟାଙ୍କ୍ ଅଧିକାରୀ ରଜନୀକାନ୍ତ ଭୂୟାଁ,ସମାଜସେବୀ ସରୋଜ କୁମାର ସ୍ୱାଇଁ,ଭଣଜା ପ୍ରତାପ ଚନ୍ଦ୍ର ଭୂୟାଁ ଙ୍କ ସମେତ ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।ସ୍ୱର୍ଗତ ଜେନା ଛାଣିପୁର ହାଇସ୍କୁଲ ଓ କେନ୍ଦୁପାଟଣା ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ।୧୯୯୮ ମସିହାରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନ କେନ୍ଦୁପାଟଣା ହାଇସ୍କୁଲରୁ ସେ ପ୍ରଧାନଶିକ୍ଷକ ଭାବେ ଅବସରଗ୍ରହଣ କରିଥିଲେ।ଅବସର ପରେ ଅଞ୍ଚଳର ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡିତ ରହି କାର୍ଯ୍ୟ କରିଆସୁଥିଲେ।ସେ ସାଲେପୁର ସତସଙ୍ଗ କେନ୍ଦ୍ରର ପ୍ରମୁଖ ବିନ୍ଧାଣୀ ଭାବେ କାର୍ଯ୍ୟ କରିବା ସହିତ ଅଂଚଳରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ପ୍ରଚାର ପ୍ରସାର ଦିଗରେ କାର୍ଯ୍ୟ କରୁଥିଲେ। ସ୍ୱର୍ଗତ ଜେନା ଜଣେ ଧର୍ମପରାୟଣ,ମିଷ୍ଟଭାଷୀ, ପରୋପକାରୀ ଓ ଶିକ୍ଷାବିତ୍ ଭାବେ ଅଂଚଳରେ ପରିଚିତ ଥିଲେ।ତାଙ୍କ ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।ଅପରପକ୍ଷେ ତାଙ୍କ ବିୟୋଗ ଖବର ପାଇଁ ସାଲେପୁର ପଞ୍ଚାୟତ ସମିତିର ପୂର୍ବତନ ଅଧକ୍ଷ ରବୀନ୍ଦ୍ର ନାଥ କର, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସ୍ୱର୍ଗତ ଜେନାଙ୍କ ଚନ୍ଦ୍ରା ଦେଇପୁର ସ୍ଥିତ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସୁନ୍ଦର ଖାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।ପୁଅ ବଦ୍ରି ନାରାୟଣ ମୁଖାଗ୍ନି ଦେଇଥିଲେ।ତାଙ୍କ ବିୟୋଗରେ ଅଂଚଳରେ ଶୋକ ର ଛାୟା ଖେଳାଇ ଦେଇଛି।

BREAKING NEWS
PRAVABA NEWS ODISHA ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ ପ୍ରତିନିଧି ଆବଶ୍ୟକ।
EDITOR: PRASANNA MOHAPATRA 7381913812
OFFICE: SALIPUR, CUTTACK,ODISHA 9853735398